



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୮ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 APRIL 2025

Vol.No. 36 ■ No.111 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଓପିଏସିର ବେପରୁଆ ପରୀକ୍ଷା ପରିଚାଳନା: ହତାଶ ପରୀକ୍ଷାର୍ଥୀ

## ପୂର୍ବ ଏଏସଓ ପରୀକ୍ଷା ପରିଚାଳନାରେ ଦୁର୍ନୀତି ଥିଲା ସର୍ବାଗ୍ରେ




ଭୁବନେଶ୍ୱର, ୨୬/୪ (ନି.ପ୍ର): ପୁଣି ପିଲାଙ୍କ ଭବିଷ୍ୟତ ସହ ଖେଳ। ଏକାଦିନେ ଦୁଇ ଦୁଇଟି ବଡ଼ ପରୀକ୍ଷା, ଆଉ ଦୁଇଟି ଯାକ ପରୀକ୍ଷାରେ ସାଂଘାତିକ ତ୍ରୁଟି। ଗୋଟିଏ ପରେ ଓଏସଏସିର ଏକ୍ସାଇଜ୍ ଓ ଟ୍ରାଫିକ୍ ସବ୍ ଇନସପେକ୍ଟର ପଦବି ପାଇଁ ହୋଇଥିବା ପରୀକ୍ଷାରେ ସିଜିଏଲ ପରୀକ୍ଷା ପ୍ରଶ୍ନ ଆସିଥିବା ବେଳେ, ଓସିଏସ ମେନ୍ ଏଗଜାମ୍ ର ଆନ୍ଥ୍ରପୋଲୋଜି ପରୀକ୍ଷାରେ ହୋଇଛି ଗୋଳମାଳ। ଏଠି ପ୍ରଥମ ପେପରରେ ଦ୍ୱିତୀୟ ପେପର ପ୍ରଶ୍ନ, ଆଉ ଦ୍ୱିତୀୟ ପେପରରେ ଆସିଥିଲା ପ୍ରଥମ ପେପର୍‌ର ପ୍ରଶ୍ନ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ଝାଡ଼ିଛନ୍ତି ପରୀକ୍ଷାର୍ଥୀ। ଗୋଟିଏ ଦିନରେ ଦୁଇ ଦୁଇଟି ବଡ଼ ପରୀକ୍ଷା । ଉଭୟ ପରୀକ୍ଷାରେ ସାଂଘାତିକ ତ୍ରୁଟି । ହତାଶ ପରୀକ୍ଷାର୍ଥୀ । ପଦାରେ ପଡିଛି ଓଏସଏସି ଏବଂ ଓପିଏସସିର ବେପରୁଆ ପଣ ! ସକାଳ ସାଢେ ୯ଟାରୁ ଆରମ୍ଭ ହୋଇଥିଲା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ବା ଓଏସଏସି ଦ୍ୱାରା ପରିଚାଳିତ ଅବକାରୀ ଏବଂ ଟ୍ରାଫିକ୍ ସବ୍ ଇନସପେକ୍ଟରର ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା । କିନ୍ତୁ ପ୍ରଶ୍ନ ଆସିଥିଲା ସିଜିଏଲ ବା କମ୍ବାଇଣ୍ଡ ଗ୍ରାଜୁଏଟ୍ ଲେଭଲ ପରୀକ୍ଷାରୁ। ଯାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ ପରିକ୍ଷାର୍ଥୀ। ଓଡ଼ିଆ, ଇଂରାଜୀ ଏବଂ ସାଧାରଣ ଜ୍ଞାନ ବଦଳରେ ଆରିଥମେଟିକ୍ ପ୍ରଶ୍ନ ଦେଖି ହତାଶ ହୋଇଥିଲେ ଆଶାୟୀ। ଆଜିର ପରୀକ୍ଷାକୁ ବାତିଲ କରି ପୁଣିଥରେ ସାନି ପରୀକ୍ଷା କରିବାକୁ ଦାବି କରିଛନ୍ତି ଅନେକ ପରୀକ୍ଷାର୍ଥୀ। ଠିକ୍ ସେହିପରି ଓପିଏସସି ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍- ଓସିଏସ ୨୦୨୩ ମେନ୍ ପରୀକ୍ଷାରେ ବି ଗୁରୁତର ତ୍ରୁଟି। ପ୍ରଥମ ସିଟିଂରେ ଥିବା ଅପସନାଲ୍ ଆନଥ୍ରୋପଲୋଜି ପେପର୍ ୱାନ୍‌ରେ ପେପର ଟୁ ର ପ୍ରଶ୍ନ, ଆଉ ଦ୍ୱିତୀୟ ସିଟିଂରେ ହୋଇଥିବା ପେପର୍ ଟୁ ପରୀକ୍ଷାରେ ପେପର୍ ୱାନ୍ ର ପ୍ରଶ୍ନ ଦେଖି ଅସନ୍ତୋଷ ଝାଡ଼ିଥିଲେ ପରିକ୍ଷାର୍ଥୀ । ଆୟୋଗର ଏଭଳି ତ୍ରୁଟି ଓ ଖାମଖିଆଲି ମନୋଭାବକୁ ନିନ୍ଦା କରିଛନ୍ତି। ତେବେ ପରୀକ୍ଷାରେ ଏଭଳି ସାଂଘାତିକ ତ୍ରୁଟିକୁ ନେଇ ଅତି ହାଲୁକା ମନ୍ତବ୍ୟ ରଖିଛି ଓପିଏସସି ।

▶▶ପୃଷ୍ଠା ୭

# ପହଲଗାମ ଆକ୍ରମଣର ଆଖି ଦେଖା ଘଟଣା ବଖାଣିଲେ କଟକର ରଞ୍ଜିତଙ୍କ ପରିବାର



କଟକ, ୨୬/୪ (ନି.ପ୍ର): ଏପ୍ରିଲ ୨୨ ତାରିଖରେ ପହଲଗାମର ବୈସାରନ ଘାଟିରେ କେମିତି ହୋଇଥିଲା ଛାତିଥରା ଆକ୍ରମଣ ? କେମିତି ରକ୍ତର ହୋଲି ଖେଳିଥିଲେ ଆତଙ୍କୀ । ସେ ଭୟାନକ ମୂହୂର୍ତ୍ତର କାହାଣୀ ବଖାଣିଛନ୍ତି ଅଳ୍ପକେ ବର୍ତ୍ତି ଯାଇଥିବା କଟକର ଏକ ପରିବାର । କଟକ ଦେଉଳସାହିରେ ରହୁଥିବା ରଞ୍ଜିତ କୁମାର ଭୋଳ ଓ ତାଙ୍କ ପରିବାର ଜମ୍ମୁ କଶ୍ମୀର ବୁଲିବାକୁ ଯାଇଥିବା ବେଳେ ତାଙ୍କ ଆଖି ସାମ୍ନାରେ ଘଟିଥିଲା ପହଲଗାମର ଲୋମହର୍ଷଣକାରୀ ଘଟଣା। ତେବେ ଏଥିରେ ରଞ୍ଜିତଙ୍କ ପତ୍ନୀ ଆହତ ହୋଇଥିବା ବେଳେ ଅନ୍ୟ ସମସ୍ତେ ସୁସ୍ଥ ଅଛନ୍ତି । ତେବେ ସେଦିନର ଲୋମହର୍ଷଣକାରୀ ଘଟଣା କିପରି ଥିଲା ସେ ସମ୍ପର୍କରେ ଆସନ୍ତୁ ଜାଣିବା। ତେବେ ଏଥିରେ ଆହତ ହୋଇଥିବା ରଞ୍ଜିତଙ୍କ ପତ୍ନୀ ଶଶି କୁମାରୀ ନାୟକ ନିଜ ଆଖିରେ ଦେଖିଥିବା ମୃତ୍ୟୁର ତାଣ୍ଡବର ଯେଉଁ କାହାଣୀ ବଖାଣିଛନ୍ତି ତାହା ଶୁଣିବା ପରେ ଯେ କେହି ବି ଭୟରେ ଥରିବ ନିଶ୍ଚୟ । ସେ କହିଛନ୍ତି ଆତଙ୍କବାଦୀ ଆମ ପାଖରେ ଛିଡା ହୋଇଥିଲେ । ଆମ ଆଗରେ ତିନି ଜଣଙ୍କୁ ମାରିଦେଲେ। ଆମେ ସେଇଠି ଲୁଚିଗଲୁ, ଟିକେ ବୁଲିଥିଲେ ଆମକୁ ସଫା କରିଦେଇଥା'ନ୍ତା । ଭାଗ୍ୟ ଭଲ ବୋଲି ଆମେ ଚାରି ଜଣ ବଞ୍ଚିଗଲୁ। ଆମେ ତାକୁ ଦେଖିଛୁ । ଆଉ ଜଣେ ସ୍ତ୍ରୀ ଲୋକ କହିଲେ, ମୋ ସ୍ୱାମୀଙ୍କୁ ମାରିଲ, ମତେ ବି ମାରିଦିଅ ।ଆତଙ୍କବାଦୀ ପଳେଇବା ପରେ ଦୌଡିକି ଆସିବା ବେଳେ ପଡିଯିବା ଫଳରେ ମୁଁ ଆହତ ହେଲି।

▶▶ପୃଷ୍ଠା ୭

# ଅଶୁଭ ରବିବାର: ପାଣିରେ ବୁଡ଼ି ଚାଲିଗଲା ୬ ଜୀବନ

ଭୁବନେଶ୍ୱର, ୨୬/୪ (ନି.ପ୍ର): ଅଶୁଭ ରବିବାର । ୬ ଜଣଙ୍କ ସଲିଳ ସମାଧି । ରାଜ୍ୟର ବିଭିନ୍ନ ସ୍ଥାନରେ ପାଣିରେ ବୁଡି ୬ ଜଣଙ୍କ ମୃତ୍ୟୁ ହୋଇଛି । କଟକରେ ଜଣେ ନାବାଳକ କୋଠଯୋଡିରେ ବୁଡି ପ୍ରାଣ ହରାଇଥିବା ବେଳେ ଆନନ୍ଦପୁରରେ ଦୁଇ ଜଣ ଯୁବକ ଓ ଦଶପଲ୍ଲାରେ ୩ ଜଣ ନାବାଳକଙ୍କର ପାଣିରେ ବୁଡିଯିବା କାରଣରୁ ମୃତ୍ୟୁ ହୋଇଛି । ସୂଚନା ମୁତାବକ, ଜଗତସିଂପୁର ଅଞ୍ଚଳର ଅତୁଲ ରଞ୍ଜନ ସାହୁ ଓ ରୁଦ୍ର ନାରାୟଣ ମିଶ୍ରଙ୍କ ସମେତ ଚାରି ଜଣ ଯୁବକ ଆଜି କେନ୍ଦୁଝର ଜିଲ୍ଲାର ବଡ଼ ସିଆଳିମାଳ ପାଟହରା ଅଞ୍ଚଳକୁ ବୁଲି ଯାଇଥିଲେ । ସମସ୍ତେ ମିଶି ପାଟହରା ଝରଣାରେ ଗାଧୋଉଥିବା ବେଳେ ଅତୁଲ ଓ ରୁଦ୍ର ଗଣ୍ଡରେ ବୁଡି ଯାଇଥିଲେ । ଅନ୍ୟ ଦୁଇ ଜଣ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ହରିଚନ୍ଦନପୁର ଦମକଳ ବାହିନୀ ଘଟଣାସ୍ଥଳରେ

▶▶ପୃଷ୍ଠା ୭

# ଋଷ ଜେନେରାଲଙ୍କୁ କାରରେ ଉଡାଇଲା ୟୁକ୍ରେନ: ଜଣେ ଗିରଫ

ମସ୍କୋ, ୨୭/୪ : ଋଷ ଜେନେରାଲଙ୍କୁ ବୋମା ବିସ୍ଫୋରଣରେ ଉଡାଇବା ମାମଲାରେ ଖୁଲାସା ହୋଇଛି । ଜଣାପଡିଛି ଯେ, ୟୁକ୍ରେନର ଜଣେ ଗୁଇନ୍ଦା ଅଧିକାରୀ ଋଷ ଜେନେରାଲଙ୍କୁ କାରରେ ବିସ୍ଫୋରଣ କରି ଉଡାଇ ଦେଇଥିଲେ । ଏହି ବିସ୍ଫୋରଣ ରିମୋଟ କଂଟ୍ରୋଲ ଜରିଆରେ କରାଯାଇଥିଲା । ଏହି ମାମଲାରେ ଋଷର ତଦନ୍ତକାରୀ ସଂସ୍ଥା ୟୁକ୍ରେନର ଗୁଇନ୍ଦା ଏଜେନ୍ସିର ଅଧିକାରୀ ଇଗ୍ନୋତ କୁଜିନଙ୍କୁ ଗିରଫ କରାଯାଇଛି ।

# ଭୁବନେଶ୍ୱର ଛାଡିଲେ ପାକିସ୍ତାନୀ ମହିଳା

ଭୁବନେଶ୍ୱର, ୨୭/୪ (ନି.ପ୍ର): ଭୁବନେଶ୍ୱର ଛାଡିଲେ ପାକିସ୍ତାନୀ ମହିଳା । ଭୁବନେଶ୍ୱରରୁ ଦିଲ୍ଲୀ ଯିବେ ନଗମା ୟୁସୁଫ । ସେଠାରୁ କଲମ୍ବୋ ଯାଇ ପାକିସ୍ତାନ ଯିବେ ନଗମା । ନଗମାଙ୍କ ସ୍ୱାମୀ ଦିଲ୍ଲୀ ଏୟାରପୋର୍ଟରେ ନଗମାଙ୍କୁ ଛାଡି ଭୁବନେଶ୍ୱର ଫେରିବେ । ୪୮ ଘଂଟା ମଧ୍ୟରେ ଭାରତ ଛାଡିବାକୁ ନଗମାଙ୍କୁ ନୋଟିସ ଜାରି କରାଯାଇଥିଲା । ରାଜ୍ୟରେ ଥିବା ଅନ୍ୟ ୧୧ ଜଣଙ୍କୁ ଭାରତ ଛାଡିବାକୁ ନୋଟିସ ଜାରି ହୋଇଛି ।

# ଖଲ୍ଲିକୋଟ ଶାଳବଣ ଗାଁରେ ବୀଭତ୍ସ ହତ୍ୟା: ଦୁଇ ଭାଇଙ୍କୁ ହତ୍ୟା ପରେ ଜାଳିଦେଲେ ଦୁର୍ବୃତ୍ତ




ଭୁବନେଶ୍ୱର, ୨୬/୪ (ନି.ପ୍ର): ଗଞ୍ଜାମ ବେଗୁନିଆପଡ଼ାରେ ଚାଞ୍ଚଲ୍ୟ। ଦୁଇ ଭାଇଙ୍କୁ ହତ୍ୟା ପରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ । ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଶାଳବଣରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମୃତକ ଦୁଇ ଭାଇ ହେଲେ ସୁମଣ୍ଡଳ ଗାଁର ସଞ୍ଜୟ ବାରିକ ଓ ଅଜୟ ବାରିକ । ଦୁହିଁଙ୍କୁ ହତ୍ୟା କରିବା ପରେ କେହି ମୃତଦେହ ଜାଳି ଦେଇଥିବା ସନ୍ଦେହ କରାଯାଉଛି । ସୂଚନା ମୁତାବକ, ମୃତକ ଦୁଇ ଭାଇ ଏକାଧିକ ଅପରାଧିକ ମାମଲାରେ ଜଡ଼ିତ ଥିଲେ । ପୂର୍ବତନ ବ୍ଲକ ଅଧକ୍ଷଙ୍କୁ ହତ୍ୟା ମାମଲାରେ କିଛି ଦିନ ତଳେ ଏହି ଦୁଇ ଭାଇ ଜେଲ୍‌ରୁ ଫେରିଥିଲେ । ଖଲ୍ଲିକୋଟ ଥାନା ମରେଇନୂଆଗାଁ ନିକଟରୁ ଦୁହିଁଙ୍କ ମୃତଦେହ ଉଦ୍ଧାର ହୋଇଛି । ବେଗୁନିଆପଡା ଶାଳବଣରେ ଦୁଇ ଭାଇଙ୍କୁ କେହି ହତ୍ୟା କରିବା ପରେ ମରେଇଗାଁ ନିକଟରେ ମୃତଦେହକୁ ଫିଙ୍ଗି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି । ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବାର ପୋଲିସ ସନ୍ଦେହ କରୁଛି । କେହି ପିଟି ପିଟି ଦୁଇ ଭାଇଙ୍କୁ ହତ୍ୟା କରିବା ପରେ ମୃତଦେହକୁ ନିଆଁ ଲଗାଇ

▶▶ପୃଷ୍ଠା ୭

# ୨୨ ଘଣ୍ଟା ଚାଲି ଚାଲି ଆସିଥିଲେ ଆତଙ୍କୀ: ଜଣାପଡିଲା କେଉଁମାନେ କରିଥିଲେ ସାହାଯ୍ୟ



ନୂଆଦିଲ୍ଲୀ, ୨୭/୪ : ପହଲଗାମ୍ ନରସଂହାରକୁ ନେଇ ପ୍ରତିଟି ଭାରତୀୟଙ୍କ ହୃଦୟରେ ଜଳୁଛି ପ୍ରତିଶୋଧର ବହ୍ନି । ସେନା ଯବାନ ଆତଙ୍କବାଦୀ ଓ ସେମାନଙ୍କୁ ସାହାଯ୍ୟ କରିଥିବା ଲୋକଙ୍କ ଠିକଣା ଖୋଜି ଖୋଜି ଆହ୍ୱାନ ନେଉଛି । ବର୍ତ୍ତମାନ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ ଜରିଆରେ ୧୫ ଜଣ କାଶ୍ମୀର ଓଭର୍ ଗ୍ରାଉଣ୍ଡ ୱାର୍କର୍ସ ବା ସନ୍ଦିଗ୍ଧ ଆତଙ୍କୀ ସହଯୋଗୀଙ୍କୁ ଚିହ୍ନଟ କରାଯାଇଛି, ଯେଉଁମାନେ ସେଦିନ ପହଲଗାମ୍ ହମ୍‌ଲାରେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିଲେ । ସମସ୍ତେ ଦକ୍ଷିଣ କାଶ୍ମୀର ଅଞ୍ଚଳର । ଏମାନେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଏବଂ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ଆଣିବାରେ ସଂଶ୍ଳିଷ୍ଟ ରହିଥିବା ଜଣାପଡିଛି । ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ଏହି ୧୫ ସନ୍ଦିଗ୍ଧଙ୍କ ମଧ୍ୟରୁ ୫ ଜଣ ମୁଖ୍ୟ ସନ୍ଦିଗ୍ଧ ଏବେ ସୁରକ୍ଷା ଏଜେନ୍ସିର ରାଡାରରେ ଅଛନ୍ତି । ଏମାନେ ହମ୍‌ଲା ଦିନ ଏବଂ ଏହା ପୂର୍ବରୁ ପହଲଗାମ୍ ଅଞ୍ଚଳରେ ଥିଲେ ଏବଂ ଏମାନଙ୍କର ଫୋନ୍ ଆକ୍ଟିଭ ରହିଥିଲା । ୫ ଜଣଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଉଠାଇ ଆଣି ଅଟକ ରଖିଥିବା ବେଳେ ଆଗକୁ ଏମାନଙ୍କୁ ଗିରଫ ମଧ୍ୟ କରାଯାଇପାରେ । ଏବେ ବାକି ୨ ପ୍ରମୁଖ ସନ୍ଦିଗ୍ଧଙ୍କୁ ଧରିବାକୁ ଛାନ୍‌ଭିନ୍ ଜାରି ରହିଛି । ଅଟକ ଥିବା ୩ ସନ୍ଦିଗ୍ଧଙ୍କ ଚାଟ୍ ଯାଞ୍ଚ କରାଯିବାରୁ ଜଣାପଡିଛି, ପହଲଗାମ୍ ହମ୍‌ଲା ପୂର୍ବରୁ ସେମାନେ ଆତଙ୍କବାଦୀଙ୍କ ସହ କଥା ହୋଇଥିଲେ । ପାକିସ୍ତାନ ଆତଙ୍କବାଦୀ ପହଲଗାମରେ ଅଛନ୍ତି ଏବଂ ତାଙ୍କୁ କେମିତି ସାହାଯ୍ୟ କରିବେ ସେ ବିଷୟରେ ପରସ୍ପର ସହ ଫୋନ୍‌ରେ ଆଲୋଚନା କରିଥିଲେ । ପହଲଗାମ୍ ହମ୍‌ଲାରେ ସେହି ୫ ଜଣଙ୍କ ଭୂମିକା ଥିବା ନେଇ ସୁରକ୍ଷାକର୍ମୀଙ୍କୁ ଯଥେଷ୍ଟ ପ୍ରମାଣ ମିଳିଛି । ସେହିପରି ଏନଆଇଏ , ଜମ୍ମୁ କାଶ୍ମୀର ପୋଲିସ, ର',ଆଇବିର ମିଳିତ ଟିମ୍ ପାକିସ୍ତାନ ଆତଙ୍କବାଦୀଙ୍କୁ ସାହାଯ୍ୟ କରିବା ସନ୍ଦେହରେ କାଶ୍ମୀରର ଆଉ ୧୦ ଜଣ ସନ୍ଦିଗ୍ଧଙ୍କୁ ପଚରାଉଚରା କରିଛି । ପହଲଗାମ୍ ଆକ୍ରମଣ ଘଟଣାରେ ଆଉ ଏକ ବଡ଼ ତଥ୍ୟ ହସ୍ତଗତ ହୋଇଛି ।

▶▶ପୃଷ୍ଠା ୭

# ମନ୍ କି ବାତରେ ପାକିସ୍ତାନକୁ ମୋଦୀଙ୍କ ଚେତାବନୀ: ଆତଙ୍କବାଦ ବିରୋଧରେ ହେବ ନିର୍ଣ୍ଣାୟକ ଲଢେଇ



ନୂଆଦିଲ୍ଲୀ, ୨୭/୪ : ପହଲଗାମ ଆକ୍ରମଣର ତଦନ୍ତ ଭାର ହାତକୁ ନେଇଛି ଆତଙ୍କବାଦ ବିରୋଧରେ ଦେଶର ସବୁଠାରୁ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ଏନଆଇଏ । ଗୋଟିଏପଟେ ପ୍ରଧାନମନ୍ତ୍ରୀ ତାଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତରେ କହିଛନ୍ତି, ଆତଙ୍କବାଦୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ହେବ । ପୀଡ଼ିତଙ୍କ ପରିବାରକୁ ନିଶ୍ଚିତ ନ୍ୟାୟ ମିଳିବ। ଅନ୍ୟପଟେ କେନ୍ଦ୍ର ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ପାଇ, ଜୋରଦାର ତନାଘନା ଆରମ୍ଭ କରିଛି ନ୍ୟାସନାଲ ଇନଭେଷ୍ଟିଗେସନ୍ ଏଜେନ୍ସି । ପହଲଗାମ ଆକ୍ରମଣରେ ୪ ଜଣ ଆତଙ୍କବାଦୀଙ୍କ ହାତ ଥିବା ଜଣାପଡ଼ିଛି । ଏମାନଙ୍କ ମଧ୍ୟରୁ ୩ ଜଣ ପାକିସ୍ତାନୀ ଓ ଜଣେ ସ୍ଥାନୀୟ ଆତଙ୍କବାଦୀ । ପହଲଗାମ୍‌ରେ ପହଞ୍ଚିବାକୁ ଆତଙ୍କୀ ୨୨ ଘଣ୍ଟା ଧରି ଟ୍ରେକିଂ କରିଥିଲେ । କୋକେରନାଗରୁ ପାହାଡ଼ିଆ ରାସ୍ତାଦେଇ ବେସରନ୍ ଘାଟିରେ ପହଞ୍ଚିଥିଲେ। ଫୋରେନସିକ ତଥ୍ୟରୁ ଜଣାପଡ଼ିଛି ଯେ, ଏକେ -୪୭ ଓ ଏମ୍-୪ ରାଇଫଲ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ । ହେଲେ ଏକତା ହିଁ ଭାରତର ଶକ୍ତି ଓ ଖୁବଶୀଘ୍ର ଆତଙ୍କୀଙ୍କୁ ଆକ୍ରମଣର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମୋଦୀ ଚେତାଇ ଦେଇଛନ୍ତି। ପହଲଗାମର ପ୍ରତିଶୋଧ ନେବାକୁ ସଇତାନ ପାକିସ୍ତାନ ବିରୋଧରେ କୂଟନୈତିକ ଲଢ଼େଇ ଆରମ୍ଭ କରିସାରିଛି ଭାରତ। ପାକିସ୍ତାନ ନେତା, ମନ୍ତ୍ରୀଙ୍କ ଯୁଦ୍ଧ ପାଇଁ ବୟାନବାଜି ଭିତରେ ପାଦେ ଆଗେଇଛି ଭାରତୀୟ ନୌସେନା। ଆରବ ସାଗରରେ ମିଜାଇଲ ବିଧ୍ୱଂସକ ଆଇଏନଏସ ସୁରତରୁ ମିଡିୟମ ଓ ଲଙ୍ଗରେଞ୍ଜ ମିଜାଇଲର ପରୀକ୍ଷଣ କରାଯାଇଛି । ସମୁଦ୍ରରେ ନିଜର ଶକ୍ତି ପ୍ରଦର୍ଶନ କରି ଶତ୍ରୁକୁ ଚେତାଇ ଦେଇଛି ଭାରତୀୟ ନୌସେନା। ଯଦି ଯୁଦ୍ଧ ଭଳି ପରିସ୍ଥିତି ହୁଏ ତେବେ ନିମିଶକ ମଧ୍ୟରେ ଭାରତର ମିଜାଇଲ ପାକିସ୍ତାନରେ ଧ୍ୱଂସ ଲୀଳା ରଚିବାକୁ ପ୍ରସ୍ତୁତ ରହିଛି । ଘାଟିରେ ଥିବା ଆତଙ୍କବାଦୀ ଓ ସହଯୋଗୀଙ୍କ ଘରକୁ ଗୋଟି ଗୋଟି କରି ଧ୍ୱଂସ କରୁଛି ସେନା। ଗୋଟଏ ବଟନ୍‌ରେ ଉଡ଼ି ଯାଉଛି ଆତଙ୍କୀଙ୍କ ଘର । ଆଜି ଆଉ ୩ଜଣ ଆତଙ୍କବାଦୀର ଘରକୁ ଭାଙ୍ଗିଛି ଭାରତୀୟ ସେନା। ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି । ଗତ ୫ ଦିନରେ ୧୦ଜଣ ଆତଙ୍କବାଦୀଙ୍କ ଘରକୁ ଧ୍ୱଂସ କରାଗଲାଣି । ପହଲଗାମ ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ଖୋଜି ଖୋଜି ଟାର୍ଗେଟ କରୁଛି ସେନା । ଗତକାଲି ୧୮୭ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ଆଜି ଆଉ ୧୭୫ ଜଣଙ୍କୁ ପଚରଚରା କରିଛି ସୁରକ୍ଷା ବାହିନୀ। ଘର ଘର ବୁଲି ସର୍ଚ୍ଚ ଅପରେସନ ଜାରି ରହିଛି। ଜାମ୍ମୁ-କାଶ୍ମୀର ପୋଲିସ ହାତରୁ ତଦନ୍ତଭାର ହାତକୁ ନେଇ ଏନଆଇଏ ।





## ॥ ଶୁଭଉନ୍ମୋଚନ ॥

ଆଜି ୨୮ ତାରିଖ ସୋମବାର 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଂକଳନ 'ମୁଠାଏ ସ୍ୱପ୍ନ' ଏବଂ 'ସାଗରିକା' ବିଷୁବ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସାହିତ୍ୟିକ ଓ ସାହିତ୍ୟାନୁରାଗୀଙ୍କୁ ଯୋଗଦାନ ପାଇଁ ସାଦର ନିମନ୍ତ୍ରଣ।

ସ୍ଥାନ : ଷ୍ଟେସନ କ୍ଲବ, ବାଲେଶ୍ୱର
ସମୟ : ଦିବା ୧୦ ଘଟିକା

ନିବେଦକ:
ଧ୍ୱନିପ୍ରତିଧ୍ୱନି ଓ ସାଗରିକା ପରିବାର
ଜେଲରୋଡ଼, ବାଲେଶ୍ୱର

# ପର୍ଯ୍ୟଟନ ସ୍ଥଳୀ ହରିଶଙ୍କରରେ ପିଇବା ପାଣି ପାଇଁ ଲୋକେ ଡହଳ ବିକଳ

ବଲାଙ୍ଗିର,୨୭/୪(ନି. ପ୍ର): ବଲାଙ୍ଗିର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କରକୁ କୌଣସି ପରିଚୟର ଦରକାର ନଥିବାବେଳେ ଏବେ ବି ମୌଳିକ ସୁବିଧାରୁ ବଂଚିତ ଅଛନ୍ତି ସ୍ଥାନୀୟ ଲୋକ । କୋଟି କୋଟି ଟଙ୍କା ହରିଶଙ୍କର ଉନ୍ନତିକରଣ କାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଛି, କିନ୍ତୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କର ପିଇବା ପାଣିର ସମସ୍ୟା ସମାଧାନ କରିପାରୁ ନାହିଁ ପ୍ରଶାସନ । ଯେଉଁଠାରେ ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟକ ନାହିଁ ନଥିବା ଅସୁବିଧାର ସାମ୍ନା କରିଆସୁଛନ୍ତି । ବ୍ୟସ୍ତ ବହୁଳ ଜୀବନରୁ ଟିକିଏ ସମୟ କାଢ଼ି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବ୍ୟାକୁଳ ପର୍ଯ୍ୟଟକଙ୍କ ମନ । ରାଜ୍ୟ ତଥା ଦେଶର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ହରିଶଙ୍କରକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି । କିନ୍ତୁ, ଏହି ପର୍ଯ୍ୟଟନ ସ୍ଥଳୀରେ ରହିଛି ବ୍ୟାପକ ସମସ୍ୟା । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଦେବାକୁ ସକ୍ଷମ ହୋଇପାରୁନି ପର୍ଯ୍ୟଟନ ବିଭାଗ । ଯାହାଫଳରେ ଥରେ ଏଠାକୁ ଆସୁଥିବା ପର୍ଯ୍ୟଟକ ପୁନର୍ବାର ଆସିବାକୁ ଇଚ୍ଛା କରୁନାହାନ୍ତି । ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟକଙ୍କ ପାଇଁ ଏଠାରେ ପାନୀୟ ଜଳର ବ୍ୟବସ୍ଥା ନାହିଁ । ଏଠାକୁ ଆସୁଥିବା ପର୍ଯ୍ୟଟକ ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି ଏବଂ ବାଧ୍ୟ ହୋଇ ପାଣି କିଣୁଥିବା ଦେଖାଯାଉଛି । ଏଠାରେ ରହୁଥିବା ଦୋକାନୀ ମାନଙ୍କ ପରିବାର ଲୋକ ଟଙ୍କା ଚାନ୍ଦା କରି ଗୋଟିଏ ନଳକୂପକୁ ସଜାଡି ସେଥିରୁ ପାଣି ବ୍ୟବହାର କରୁଛନ୍ତି କିନ୍ତୁ ତାହା ମଧ୍ୟ ନିଅଂଟ ହେଉଥିବା ସ୍ଥାନୀୟ ମହିଳାମାନେ ଅଭିଯୋଗ କରିଛନ୍ତି । ଆଗକୁ ବୈଶାଖ ଚତୁର୍ଦ୍ଦଶୀ ଯାତ୍ରା ଥିବାବେଳେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ତହସିଲଦାର ଏବଂ ବିଡ଼ିଓ ବାରମ୍ବାର ହରିଶଙ୍କର ଗସ୍ତ କରୁଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ପାଣିର ସମସ୍ୟାକୁ ଅଣଦେଖା କରିଥିବା ଲୋକେ ଅଭିଯୋଗ କରିଛନ୍ତି । ତେବେ ବାର୍ଷିକ ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକଙ୍କ ଠାରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ କାହିଁକି ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦେଉନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୋଟିଏ ପଟେ ରାଜ୍ୟ ସରକାର ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ପ୍ରଚାର ପ୍ରସାର କରି ବିଦେଶୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି । କିନ୍ତୁ, ଅନ୍ୟପେଟ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ନାହିଁ । ଯାହା ପର୍ଯ୍ୟଟନ ବିଭାଗ ଏବଂ ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି । ପିଇବା ପାଣିର ସମସ୍ୟା କେତେ ଶୀଘ୍ର ପ୍ରଶାସନ ସମାଧାନ କରିବ ତାହା ଦେଖିବାକୁ ବାକି ରହିଲା ।

# ସମ୍ବଲପୁରରେ କବାଡି ଖେଳର ଭିତ୍ତିଭୂମି ବିକାଶ ପାଇଁ ଆଉ କେତେ ଦିନ ଅପେକ୍ଷା : ସୂର୍ଯ୍ୟ ପାଣିଗ୍ରାହୀ

ସମ୍ବଲପୁର,୨୭/୪(ନି. ପ୍ର): ସମ୍ବଲପୁର ସହର ଅତୀତ ରେ କ୍ରୀଡା କ୍ଷେତ୍ରରେ ଏକ ନାଆଁ ଥିଲା । ସେ ଫୁଟବଲ, କ୍ରିକେଟ ହେଉ କି ସନ୍ତରଣ କବାଡି ହେଉ । ହେଲେ ସହରରେ କ୍ରୀଡା ର ଭିତିଭୂମି ବିକାଶ ଅତ୍ୟନ୍ତ ନୈରାଶ୍ୟଜନକ ବିଷୟ ବୋଲି କ୍ରୀଡା ସଂଗଠକ ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତି ରେ ପ୍ରକାଶ କାରିଛନ୍ତି ।
ଅନେକ କିଛି ବର୍ଷ ପୂର୍ବେ କିଛି କ୍ରୀଡା ସଂଗଠକ ଙ୍କର ପ୍ରୟାସ କ୍ରମେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପ୍ରତିଷ୍ଠା ହୋଇଥିଲା, ହେଲେ ଆଜିଯାଏ ଯେପରି ବିକାଶ ହେବା କଥା ମୋଟେ ହୋଇନାହିଁ । ପରେ ପରେ ସେ ସମୟର ଏକମାତ୍ର ସନ୍ତରଣାଗାର ପ୍ରତିଷ୍ଠା ହୋଇଥିଲା ହେଲେ ତାହାର ବିକାଶ ବି ଆଖିଦୃଶିଆ ନୁହେଁ । କବାଡି ଖେଳ ଏହି ସହରର ଜୀବନ ଧାରା ସହ ଜଡିତ ଥିବା ବେଳେ ଖେଳାଳି ଅଭ୍ୟାସ ପାଇଁ ବି ସାମାନ୍ୟ ପଡିଆ ବି ନାହିଁ ଯଦ୍ଵାରା ଏଣେତେଣେ ଅଭ୍ୟାସ କରନ୍ତି କବାଡି ଖେଳାଳିମାନେ । ସ୍ଵର୍ଗତ ସୁରେଶ ସେଠ ଏହି କବାଡି ଖେଳରେ ଯୁବ କ୍ରୀଡ଼ାବିତ ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିଥିଲେ, ହେଲେ ସେ ଆଉ ନାହାନ୍ତି କ୍ଷ ତାଙ୍କର ଦେହାନ୍ତ ପରେ ଭି.ଏସ.ଏସ. ଷ୍ଟାଡିଅମରେ ଏକ ସ୍ମୃତି ସଭା ହୋଇଥିଲା, ସେତେବେଳେ ମୁଁ ବ୍ୟକ୍ତିଗତ ଭାବେ କବାଡି ଖେଳରେ ଭିତି ଭୂମି ର ବିକାଶ ପାଇଁ ପ୍ରସ୍ତାବ ଦେଇଥିବା ବେଳେ, ତତ୍କାଳୀନ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ସଂଘ ର ସଭାପତି ବଳବନ୍ତ ସିଂ ଷ୍ଟାଡିୟମ ଓ ମନ୍ଦଲିଆ ପଡିଆ ରେ କବାଡି ଖେଳ ପାଇଁ ଭିତିଭୂମି ସୃଷ୍ଟି କରିବାର ପ୍ରତିଶୃତି ଦେଇଥିଲେ ଏବଂ ପରବର୍ତୀ ଅବସ୍ଥା ରେ ପଡିଆ ପାଇଁ କିଛି କାର୍ଯ୍ୟ ଆରମ୍ଭ କରିଥିଲେ ହେଲେ ଆଗକୁ ଯେଭଳି ବିକାଶ ହେବାକଥା ହୋଇପାରିଲା ନାହିଁ କ୍ଷ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ମଧ୍ୟ ସ୍ଥାଣୁତା ତାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଶ୍ରୀ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି । କିଛି ବର୍ଷ ପୂର୍ବେ ବୁର୍ଲା ଏମ.ସି.ଏଲ. ପାଖରେ ଏକ ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା ହୋଇଛି ହେଲେ ସହର ଠାରୁ ଦୂରରେ ଥିବାରୁ ଯେମିତି ବ୍ୟବହାର ରେ ଆସିବା କଥା ଆସୁନାହିଁ । ତେଣୁ ସମ୍ବଲପୁର ସହରବାସୀ ଙ୍କର ଖେଳାଳିଙ୍କୁ ସୁହାଇଲା ଭଳିଆ ଏକ ଇଣ୍ଡୋର ଷ୍ଟାଡିଅମ ପ୍ରତିଷ୍ଠା ପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିବାକୁ ଶ୍ରୀ ପାଣିଗ୍ରାହୀ ଦାବୀ ଜଣାଇଛନ୍ତି । ଏହି ପରି ଏକ ଇଣ୍ଡୋର ଷ୍ଟାଡିଅମ ପ୍ରତିଷ୍ଠା ହୋଇପାରିଲେ, କବାଡି, ଭଲିବଲ, ବ୍ୟାଡ଼ମୀଂଟନ, ବାସ୍କେଟବଲ, ଟେବୁଲ ଟେନିସ, ଖୋଖୋ, ହ୍ୟାଣ୍ଡବଲ ଭଳିଆ ଖେଳ ର ଆୟୋଜକ ହୋଇପାରିବା ସଂଗେ ସଂଗେ ନିୟମିତ ଅଭ୍ୟାସ ଦ୍ଵାରା ଯୁବ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରିବେ । ଏଥିସହ କେନ୍ଦ୍ର ସରକାର ଙ୍କର 'ଖେଲୋ ଇଣ୍ଡିଆ' ଯୋଜନା ମଧ୍ୟ ସଫଳତା ପାଇପାରିବ ବୋଲି ଶ୍ରୀ ପାଣିଗ୍ରାହୀ ଆଶା ପ୍ରକାଶ କରିଛନ୍ତି ।

# ଚିତ୍ରିତ କାନ୍ଥକୁ ବିକୃତ କରୁଛି ପୋଷ୍ଟର

ପୁରୀ,୨୭/୪(ନି. ପ୍ର): ବିଶ୍ୱ ଐତିହ୍ୟ ସହର ପୁରୀ । ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ପୁରୀ ଆସୁଛନ୍ତି । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବିଭିନ୍ନ ଚିତ୍ର ଅନୁଷ୍ଠାନ ପକ୍ଷରୁ ଏହି ଚିତ୍ର କଳା ଅଙ୍କନ କରାଯାଇଥିଲା । କାନ୍ଥ ଗୁଡିକ ମଧ୍ୟ ସୌନ୍ଦର୍ଯ୍ୟକରଣ ହୋଇଥିଲା । ପୁରୀର ଐତିହ୍ୟ, କଳା ସଂସ୍କୃତି ଓ ପରମ୍ପରାର ଝଲକ ଦେଖି ମନ୍ତ୍ରମୁଗ୍ଧ ହେଉଛନ୍ତି ପର୍ଯ୍ୟଟକ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀର ସହର ବିଭିନ୍ନ ସରକାରୀ ଓ ବେସରକାରୀ ପାଚେରୀର କାନ୍ଥ ବିଭିନ୍ନ ଐତିହ୍ୟ ପଟ୍ଟଚିତ୍ର ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ, ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ, ଆଦିବାସୀଙ୍କ କଥା ଓ ଗାଥା ଚିତ୍ର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ନିର୍ବାଚନ ପୂର୍ବରୁ ଅଙ୍କିତ ହୋଇଥିଲା । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବିଭିନ୍ନ ଚିତ୍ର ଅନୁଷ୍ଠାନ ପକ୍ଷରୁ ଏହି ଚିତ୍ର କଳା ଅଙ୍କନ କରାଯାଇଥିଲା । କାନ୍ଥ ଗୁଡିକ ମଧ୍ୟ ସୌନ୍ଦର୍ଯ୍ୟକରଣ ହୋଇଥିଲା । ସେହି ଚିତ୍ର ଉପରେ ବିଭିନ୍ନ ପୋଷ୍ଟର ଲଗାଯିବାରୁ ତାହା ଏବେ ବିକୃତ ଅବସ୍ଥାକୁ ଆସିଲାଣି । ଭିଆଇପି ରୋଡ ଦୁଇପାର୍ଶ୍ୱ କାନ୍ଥ, ପିକେଡିଏ ଅଫିସ ଛକ ଠାରୁ ଟାଉନହଲ ଛକ, ଷ୍ଟେସନ ଛକ ଠାରୁ ଭିଆଇପି ରୋଡ ଛକ, ବୋଷ ଛକ ଠାରୁ ହରିହର ଛକ ସମେତ ପ୍ରମୁଖ ସ୍ଥାନରେ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି । ଏହି ଚିତ୍ରକୁ ବିକୃତ କରୁଥିବା ଓ ପୋଷ୍ଟର ମାରୁଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ପୁରୀ ପୌରସଂସ୍ଥା, ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପର୍ଯ୍ୟଟକ ଓ ସହରବାସୀ ଦାବି କରିଛନ୍ତି ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ

କେନ୍ଦୁଝର,୨୭/୪(ନି. ପ୍ର): ଜିଲ୍ଲାସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଆଜି ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରାଧ୍ୟାପକ ବିପିନ ବିହାରୀ ମହାପାତ୍ର, ସମ୍ମାନନୀୟ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ କୁମାର ନାୟକ, ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତୀ ଓ ସମ୍ପାଦକ ଡ଼. ଚିତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ଓ ମିଳନୀ ସାହିତ୍ୟ ସଂସଦର ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ ଅତୀତକୁ ଜାଣିବା ଏବଂ ଅତୀତକୁ ମନେ ପକେଇ ବର୍ତମାନରେ ଆଗକୁ ବଢିବାକୁ କହିଥିଲେ । ପୂର୍ବ ପୁରୁଷ ମାନଙ୍କ ବଳିଦାନ ଓ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ଆମ ଜୀବନ ଖୁବ ସୁମଧୁର ହୋଇପାରିଛି ଓ ସ୍ୱତନ୍ତ୍ର ଓଡ଼ିଶାର ଅଧିବାସୀ ଭାବେ ଅମକୁ ପରିଚୟ ପ୍ରାପ୍ତ ହୋଇ ପାରିଥିବା କହିଥିଲେ । ଆହୁରି ମଧ୍ୟ ଶ୍ରୀ ପ୍ରଧାନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସ୍ମୃତିଚାରଣ କରିବା ପାଇଁ ଜିଲ୍ଲାସ୍ତରରେ ପ୍ରଥମଥର କରି କରାଯାଇଥିବା ଏହି ପ୍ରଚେଷ୍ଟା ଯୋଗେ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଇପାରିବା ବୋଲି ମତ ରଖିଥିଲେ । ସେହିଭଳି ମୁଖ୍ୟ ବକ୍ତା ଶ୍ରୀ ମହାପାତ୍ର ନିଜ ଅଭିଭାଷଣରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଉପରେ ଆଲୋକପାତ କରି ମହାରାଜାଙ୍କ ପ୍ରଚେଷ୍ଟା ଅନେକ ଜୀବନକୁ ସୃଜନଶୀଳ କରିବାକୁ ପ୍ରୋତ୍ସାହିତ କରି ଓଡିଆ ଭାଷା,ସାହିତ୍ୟ,ସଂସ୍କୃତି କୁ ଆଗକୁ ବଢେଇବାରେ କର୍ଣ୍ଣଧାର ସାଜିଥିଲା ବୋଲି କହିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମୁଖ୍ୟ ପୁରୋଧା ସାଜିବା ସହ ମହାରାଜାଙ୍କ ଦ୍ୱାରା ପ୍ରବର୍ତ୍ତିତ ଅନେକ ଦୁରଦୃଷ୍ଟି ସମ୍ପନ୍ନ ବିକାଶମୂଳକ କାର୍ଯ୍ୟ ଆଜି ଆମକୁ ଉନ୍ନତ ଜୀବନଧାରଣା ଦେବାରେ ସହାୟକ ହୋଇଛି ବୋଲି କହିଥିଲେ।ସାଧାରଣ ସଭା ପରେ ପରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ ପର୍ଯ୍ୟବେଶିତ ବିଷୟ ଉପରେ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବୟିତ୍ରୀ ଶ୍ରୀମତୀ ଇନ୍ଦୁମତି ପାତ୍ର ପରିଚାଳନା କରିଥିଲା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଓ ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ସଂଯୋଜନା କରିଥିଲେ।

# କେନ୍ଦୁଝରରେ ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର,୨୭/୪(ନି. ପ୍ର): କେନ୍ଦୁଝର ଫାଷ୍ଟ ଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଶନିବାର ଏକ ଦୁଷ୍କର୍ମ ମାମଲାର ବିଚାର କରି ବକ୍ସିବାରିଗାଁ ଗ୍ରାମର ପରେଶ କୁମାର ବାରିକକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦୦ ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ଅଭିଯୁକ୍ତର ବାପା ଶୁକଦେବ ବାରିକକୁ ପୀଡ଼ିତାକୁ ଧମକ ଦେବା ଅପରାଧରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦୦୦ ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ପୀଡ଼ିତା ସ୍କୁଲ ଯିବା ସମୟରେ ଅଭିଯୁକ୍ତ ପରେଶ ବାରିକ ରାସ୍ତା ଘାଟରେ ତାକୁ ପ୍ରେମ ନିବେଦନ କରି ହଇରାଣ କରିବା ଏବଂ ପରେ ୨୦୧୩ ମସିହା ଅଗଷ୍ଟ ୮ରେ ତା ସହ ଜୋର ଜବରଦସ୍ତ ଧାନବେଣୀ ପାହାଡ଼ରେ ଦୁଷ୍କର୍ମ କରିଥିଲା। ପୀଡିତା ପାଖ ଲୋକଙ୍କ ଘରେ ଆଶ୍ରୟ ନେଇ ଘରକୁ ଖବର ଦେବାରୁ ପରିବାର ଲୋକେ ସେଠାକୁ ଯାଇ ଘଟଣା ବିଷୟରେ ପୀଡ଼ିତା ପାଖରୁ ଜାଣିବା ପରେ ଅଭିଯୁକ୍ତ ଘରକୁ ଯାଇ ପଚାରିବାରୁ ଅଭିଯୁକ୍ତର ବାପା ଶୁକଦେ୍ୱ ବାରିକ ପୀଡ଼ିତାର ପରିବାର ଲୋକଙ୍କୁ ଧମକ ଦେଇ ଘରୁ ଘଉଡ଼ାଇ ଦେଇଥିଲେ। ଉକ୍ତ ବିଷୟକୁ ନେଇ ୨୦୧୩ ମସିହା ଅକ୍ଟୋବର ୯ ତାରିଖରେ ପୀଡ଼ିତା ପଣ୍ଡାପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୮୧/୧୩ରେ ଏକ ମାମଲା ରୁଜୁ ହୋଇ ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଶନିବାର ଫାଷ୍ଟ ଟ୍ରାକ କୋର୍ଟର ବିଚାରପତି ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାକୁ ୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ସମ୍ପାଦକ ଜିଲା ଆଇନ ସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

# ପହଲଗାମ ନରସଂହାରକୁ ବିରୋଧ: ହିନ୍ଦୁ ଏକତା ମଂଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର,୨୭/୪(ନି. ପ୍ର): କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ମାନେ ଧାର୍ମିକ ବିଚ୍ଛିନ୍ନବାଦ ମନୋଭାବ ନେଇ ଧର୍ମ ଭିତିରେ ୨୬ ଜଣ ପର୍ଯ୍ୟଟକଙ୍କୁ ଗୁଳିମାରି ନରସଂହାରକୁ ବିରୋଧ କରାଯାଇଛି । ଏହାର ଦୃଢ଼ ପ୍ରତିବାଦରେ ଜୟପୁର ହିନ୍ଦୁ ଏକତା ମଂଚ ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲ୍ଲାପାଳ ଏବଂ ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏଭଳି ପ୍ରାୟୋଜିତ ଆତଙ୍କବାଦ ଯୋଗୁଁ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଗଭୀର କୁଠାରାଘାତ ଓ ସମଗ୍ର ଦେଶବାସୀଙ୍କ ପାଇଁ ଏକ ଚିନ୍ତାଜନକ ବିଷୟ ପାଲଟି ଥିବାବେଳେ ଦେଶରେ ଅସ୍ଥିରତା ଓ ବିଦ୍ୱେଷ ସୃଷ୍ଟିର ଏହା ଏକ ଘୃଣ୍ୟ ପ୍ରୟାସ ବୋଲି ଦାବୀପତ୍ରରେ ଉଲ୍ଲେଖ ରହିଛି । ଶୋଭାଯାତ୍ରା ପୂର୍ବରୁ ଏହି ଘଟଣା ରେ ପ୍ରାଣବଳି ଦେଇଥିବା ସମସ୍ତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଗଭୀର ସମବେଦନା ପ୍ରଦାନ କରାଯାଇଥିଲା । ଜୟପୁର ଭଳି ଶାନ୍ତିପ୍ରିୟ ସ୍ଥାନରେ ବିଭିନ୍ନ ଅଂଚଳରେ ରୋହିଙ୍ଗିଆ ଓ ବାଂଲାଦେଶୀ ମୁସଲମାନ ମାନଙ୍କ ବିଚରଣ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେବା ସହ ସାଧାରଣ ଜନତା ଭୟ ଏବଂ ଆଶଙ୍କାର ରହିଛନ୍ତି । ତେଣୁ ତୁରନ୍ତ ଜିଲ୍ଲାପ୍ରଶାସନ ଏବଂ ପୁଲିସ ପକ୍ଷରୁ ଯାଂଚ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଏଥିରେ ହିନ୍ଦୁ ଏକତା ମଂଚ ପକ୍ଷରୁ ତେଜେଶ୍ୱର ପଣ୍ଡା, ସିଦ୍ଧେଶ୍ୱର ପାଣିଗ୍ରାହୀ, ଚନ୍ଦ୍ରେଶ ରାଠୋର, ପ୍ରେମାନନ୍ଦ ନାୟକ, ସତ୍ୟନାରାୟଣ ମିଶ୍ର, ସୁରେଶ ନନ୍ଦ, ସୁରେଶ ଜୈନ, ଚିତ୍ରସେନ, ଭବାନୀ ଆଚାର୍ଯ୍ୟ, ନିଲୁ ବିଶ୍ୱାଳ, ଲଳିତ ଅଗ୍ରୱାଲ ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ସୌମ୍ୟରଞ୍ଜନ ବେହେରା ରାତାରାତି ବନିଲେ କୋଟିପତି

ଖୋର୍ଦ୍ଧା,୨୭/୪(ନି. ପ୍ର): ରାତାରାତି ବନିଗଲେ କୋଟିପତି । ଅନଲାଇନ ଗେମ୍‌ରେ ମାତ୍ର ୪୯ ଟଙ୍କା ଲଗେଇ ଜିତିଲେ ୩ କୋଟି ଟଙ୍କା ଓ ମହିନ୍ଦ୍ରା ଥାର ଜିତିଲେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପୁଣି ଓଡ଼ିଶାରେ । ଖୋର୍ଦ୍ଧା ଜିଲା ଜଟଣୀ ଦେଉଳିଆପାଟଣା ଗାଁର ସୌମ୍ୟରଞ୍ଜନ ବେହେରା ରାତାରାତି କୋଟିପତି ବନିଛନ୍ତି । ତାଙ୍କ ବାପା ଜଣେ ମାଛ ବ୍ୟବସାୟୀ ଏବଂ ସୌମ୍ୟ +୩ ଦ୍ୱିତୀୟ ବର୍ଷ ଛାତ୍ର । ଜଟଣୀର ସୌମ୍ୟରଞ୍ଜନ ବେହେରା ଡ୍ରିମ-୧୧ରେ ଚେନ୍ନାଇ-ହାଇଦ୍ରାବାଦ୍‌ରୁ ମ୍ୟାଚରେ ମାତ୍ର ୪୯ ଟଙ୍କା ଲଗାଇଥିଲେ। ଫଳରେ ସେ ୩ କୋଟି ଟଙ୍କା ଓ ମହିନ୍ଦ୍ରା ଥାର୍ ଗାଡି ଜିତିଛନ୍ତି । ତେବେ ସୌମ୍ୟରଞ୍ଜନ ଜଣେ ନିମ୍ନ ମଧ୍ୟବିତ ପରିବାରର ପିଲା । ତାଙ୍କ ବାପା ମାଛ ବ୍ୟବସରୟ କରି ପରିବାର ଚଳାଉଛନ୍ତି । ସୌମ୍ୟ କହିଛନ୍ତି ଏହି ଟଙ୍କା ଜିତି ସେ ଜାଗା, ଜମି କିଣିବେ ବାପାଙ୍କ ବ୍ୟବସାୟ ବୃଦ୍ଧି କରିବେ । ପ୍ରକାଶ ଥାଉକି, ପୂର୍ବରୁ କେନ୍ଦୁଝର, କାକଟପୁର ଓ ଯାଜପୁରରୁ ୩ ଓଡ଼ିଆ ପୁଅ ଅନଲାଇନ ଗେମ ଖେଳି ୩ କୋଟି ଟଙ୍କା ଜିତିଥିଲେ ।

# ୱାକଫ୍ ବିଲ୍ ସମର୍ଥନରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଦସ୍ତଖତ ଅଭିଯାନ

ଭଦ୍ରକ,୨୭/୪(ନି. ପ୍ର): ଭଦ୍ରକ ସହରର କଚେରୀ ବଜାର ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ୱାକଫ୍ ସୁଧାର ଜନ ଜାଗରଣ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇ ଭାରତ ସରକାର ୱାକଫ୍ ସୁଧାର ଆଣିବାରେ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହାକୁ ସ୍ୱାଗତ କରିଥିଲେ। ଏ ସଂପର୍କରେ ମନ୍ତ୍ରୀ ଶ୍ରୀ ସୁରଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ କେନ୍ଦ୍ରରେ ଏହି ବିଲ୍ ପାସ୍ ହୋଇଥିବାରୁ ସମଗ୍ର ଭାରତବର୍ଷରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୧୪୦ କୋଟି ଭାରତବାସୀ ଉପକୃତ ହେବେ। ଏଣୁ ଏହା ବିରୁଦ୍ଧରେ କେହି ସ୍ୱର ଉତୋଳନ କରୁନଥିବାବେଳେ କେବଳ କେତେକ କୁଚକ୍ରୀ ଗୋଷ୍ଠୀ ନିଜର ସ୍ୱାର୍ଥ ପାଇଁ ଏହାକୁ କେବଳ ମୁସଲମାନ ବିରୋଧୀ ବୋଲି କହି ହିନ୍ଦୁମାନେ ଏହାକୁ ଅକ୍ତିଆର କରିବା ମସୁଧାରେ ଥିବାର ଦର୍ଶାଇ ବିରୋଧ ପୂର୍ବକ ଉତେଜନା ସୃଷ୍ଟି କରୁଥିବାରୁ ଏଥିରୁ ନିବୃତ ରହିବାକୁ ସଚେତନ କରିଛନ୍ତି। ଯେତେବେଳେ ଦେଶର ପାର୍ଲାମେଂଟ ଏକ ବିଲ୍‌କୁ ଆଇନ୍‌ରେ ପରିଣତ କରୁଛି, ଏହି ପାର୍ଲାମେଂଟ ହେଉଛି ୧୪୦ କୋଟି ଭାରତୀୟମାନଙ୍କର ସ୍ୱର। ତେଣୁ ୱାକଫ୍ ବୋର୍ଡର ସଂପତି ହେଉ କି ଅନ୍ୟ ସଂପତି ହେଉ, ତାହା ଯେତେବେଳେ ଭାରତୀୟଙ୍କ କାର୍ଯ୍ୟରେ ଲାଗିବ, ସେତେବେଳେ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ଏହା ହିନ୍ଦୁ କି ମୁସଲିମ୍‌ଙ୍କର କାର୍ଯ୍ୟରେ ଲାଗିବ। ସେତେବେଳେ ଆମେ କେତେକ ସଂପତିକୁ କେବଳ ଧର୍ମ ଆଧାରରେ ଆମ ପକେଟରେ ପୁରାଇ ରଖିପାରିବା ନାହିଁ। ତେଣୁ ଯୁବମୋର୍ଚ୍ଚାର ଏଭଳି କାର୍ଯ୍ୟକୁ ସେ ସ୍ୱାଗତ କରିବା ସହ ଏଥିରେ ସାମିଲ ଥିବା ଜନସାଧାରଣଙ୍କୁ ପ୍ରଶଂସା କରିଥିଲେ। ବିଜେପି ଯୁବମୋର୍ଚ୍ଚା ଜିଲା ସଭାପତି ଦେବାଂଶୁ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ଦସ୍ତଖତ ଅଭିଯାନରେ ବିଜେପି କାର୍ଯ୍ୟକର୍ତାଙ୍କ ମଧ୍ୟରେ ରଂଜିତା ସ୍ୱାଇଁ, ସୁରେଶ ସାମଲ, ବିଦ୍ୟାଧର ସାହୁ, ଦୁର୍ଗାପ୍ରସନ୍ନ ଦାସ, ସଂଜୀବ ଦାସ, ସୁଜିତ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜୟପୁର ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ

ଜୟପୁର,୨୭/୪(ନି. ପ୍ର): ସ୍ଥାନୀୟ ନାଗରିକ ଭବନ ପରିସରରେ ଜୟପୁର ନାଗରିକ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୀନକେତନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆସନ୍ତା ନିର୍ବାଚନ ନିମନ୍ତେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ୧ ତାରିଖରେ ନିର୍ବାଚନ କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଅଭିମନ୍ୟୁ ଭଟ୍ଟମିଶ୍ର ନିର୍ବାଚନ ଅଧିକାରୀ ଭାବେ ଅନୁଷ୍ଠାନର ଉପଦେଷ୍ଟା ନୀଳାଂଚଳ ପ୍ରଧାନ ଡ. ସୁରେଶ ଦାଶଙ୍କୁ ଦାୟୀତ୍ୱ ଅର୍ପଣ କରିଥିଲେ। ଉପସଭାପତି କେଦାର ବେହେରା, ସତ୍ୟବାନ ପଣ୍ଡା, ରତ୍ନାକର ଚୌଧୁରୀ, ମଦନ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରାରମ୍ଭରେ ପେହେଲଗାଁଓ ରେ ହୋଇଥିବା ହତ୍ୟାର ଶିକାର ହୋଇଥିବା ସହିତ ମାନଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ। ଶେଷରେ ଉପସଭାପତି ମଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟ ଶାସନ ସଚିବଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୨୭/୪(ନି. ପ୍ର): ଶୁକ୍ରବାର ମୁଖ୍ୟ ଶାସନ ସଚିବ ଖୋର୍ଦ୍ଧା ଗସ୍ତ କରିଛନ୍ତି । ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟରେ ମୁଖ୍ୟ ଶାସନସଚିବ ମନୋଜ ଆହୁଜା ପହଂଚି କୃଷି ବିଭାଗର ନିର୍ଦ୍ଦେଶକ ଶୁଭମ ସକ୍ସେନା, ରାଜସ୍ୱ ବିଭାଗର ଯୁଗ୍ମ ସଚିବ ପ୍ରଦୀପ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଉପ ଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଜିଲା ମୁଖ୍ୟକୃଷି ଅଧିକାରୀ ରବି ନାରାୟଣ ସେନାପତି ଏବଂ ଅନ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଆହୁଜା ରାଜ୍ୟରେ କୃଷକ ପଞ୍ଜିକରଣ ଓ କଲମ-୨ ପ୍ରଜାଖାନା ସଂଶୋଧନ ଉପରେ ସମୀକ୍ଷା କରିଥିଲେ । ଏଥିସହିତ ଜିଲାରେ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ ।

# ବଡ଼ମଙ୍ଗଳପୁରଠାରେ ସପ୍ତସତୀ ଚଣ୍ଡି ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୨୭/୪(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ବଡମଙ୍ଗଳପୁର ଗ୍ରାମ ଦେବତୀ ମା' କରଞ୍ଜେଇଙ୍କ ମନ୍ଦିର ପରିସରରେ ସପ୍ତସତୀ ଚଣ୍ଡି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । କଳସ ଯାତ୍ରା ଯିବା ସମୟରେ ଗ୍ରାମବାସୀ ମାନେ ରାସ୍ତାରେ ନୂତନ ଶାଢ଼ୀ ବିଛାଇ ସ୍ୱାଗତ କରିବା ସମୟରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ପରେ ଘଟ ସ୍ଥାପନା କରାଯାଇ ସୂର୍ଯ୍ୟ ପୂଜା, ଗୋପୂଜା, ଯଜ୍ଞକାର୍ଯ୍ୟ ଆଦିକୁ ରୀତିନୀତି ଅନୁଯାୟୀ ଆରମ୍ଭ କରାଯାଇଥିଲା । ପଣ୍ଡିତ ବିଜୟ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରାହ୍ମଣ ପଣ୍ଡିତ ମାନେ ଉପସ୍ଥିତ ଯଜ୍ଞ କାର୍ଯ୍ୟ ସଂଚାଳନ କରିଥିଲେ । ରାଜୀବ ଲୋଚନ ପଣ୍ଡା, ପ୍ରିୟବ୍ରତ ପ୍ରଧାନ ଓ ନିର୍ମଳ ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟରେ କର୍ତା ହୋଇଥିଲେ । କାଳୀପ୍ରସନ୍ନ ସାହୁ, ପ୍ରକାଶ ଶତପଥୀ, ପ୍ରମୋଦ ପଣ୍ଡା, ଅଜୟ ନାୟକ ପ୍ରମୁଖ ବହୁ ଯୁବକ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲ । ଏହି ଅବସରରେ ମା'ଙ୍କର ମହାସ୍ନାନ କରାଯିବା ସହ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା । ଏହି ସମୟରେ ମା'ଙ୍କୁ ଦର୍ଶନ କରିବା ପାଇଁ ବଡ଼ମଙ୍ଗଳପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମରୁ ବହୁ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

# ଧାମରା ମତ୍ସ୍ୟପୋତାଶ୍ରୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭଦ୍ରକ,୨୭/୪(ନି. ପ୍ର): ଏହି ଜିଲାର ଧାମରା ମତ୍ସ୍ୟପୋତାଶ୍ରୟ ସଭାଗୃହରେ ନେଟଫିସ , ଏମପେଡା ଏବଂ ପାରାଦ୍ୱୀପ ବନ୍ଦର (ସାମାଜିକ ମୁଲ୍ୟବୋଧ ବିଭାଗ)ର ମିଳିତ ସହଯୋଗରେ ଏକ ୨ଦିନିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଧାମରା ଅଂଚଳର ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୫୦ଜଣ ମହିଳା ଅଂଶ ଗ୍ରହଣ କରିଥିଲେ। ଏହି ମହିଳା ମାନେ ନିଜେ କିପରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେଥିପାଇଁ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଓ ଚିଙ୍ଗୁଡିରୁ ମୂଲ୍ୟଯୁକ୍ତ ଖାଦ୍ୟ(ଫାଷ୍ଟଫୁଡ) ପ୍ରସ୍ତୁତ ଶିକ୍ଷା ପ୍ରଦାନ କରାଯାଇଥିଲା। ଏମପେଡାର ତାଲିମକାରୀ ମାନେ ଆସି ଏହି ମହିଳାମାନଙ୍କୁ ଫିସ ଫିଙ୍ଗର, ଫିସ କଟଲେଟ, ଚିଙ୍ଗୁଡି ଏବଂ ମାଛ ଆଚାର, ନୋକାସି, ଚିଙ୍ଗୁଡି ବଟରଫ୍ଲାଏ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି ତାଲିମ ପ୍ରଦାନ କରିଥିଲେ। ପରେ ସଂପୃକ୍ତ ମହିଳା ମାନେ ନିଜେ ଏହି ଖାଦ୍ୟ ପ୍ରସ୍ତୁତି କରିବା ସହ ଆଜିର ଖାଦ୍ୟ ପ୍ରଦର୍ଶନୀରେ ଭାଗ ନେଇଥିଲେ। ଯୋଗ ଦେଇଥିବା ମହିଳା ମାନେ ଆଗାମୀ ଦିନରେ କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ଧାମରା ବନ୍ଦର(ଆଦାନୀ) ପକ୍ଷରୁ ପ୍ରୋତ୍ସାହନ ମିଳିଲେ ସେମାନେ ନିଜ ଗୋଡରେ ଛିଡା ହେବା ସହ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଭାରତର ଏକ ଅଂଶ ହୋଇ ପାରିବେ ବୋଲି ମତ ପ୍ରକାଶ ପାଇଥିଲା। ୨ ଦିନ ଧରି ଚାଲିଥିବା ଏହି କର୍ମଶାଳା ତଥା ପ୍ରଶିକ୍ଷଣ ଶିବିରରେ ଏମପେଡାର ଡେପୁଟି ଡାଇରେକ୍ଟର ଅର୍ଚିମାନ ଲାହିରୀ, ଏମପେଡାର ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ପଶ୍ଚିମବଙ୍ଗ ରାଜ୍ୟ ସଂଯୋଜକ ଅତନୁ ରାୟ, ଦେବ ପ୍ରସାଦ ଆଚାର୍ଯ୍ୟ,ପ୍ରଭାତ କୁମାର ବେହେରା, ଜଗନ୍ନାଥ ସ୍ୱାଇଁ, ଧାମରା ମତ୍ସ୍ୟଜିବୀ ସଂଘର ସଂପାଦକ ସୁଦର୍ଶନ ଲେଙ୍କା, ସଭାପତି ଅଶୋକ ଜାନା, ପ୍ରଫୁଲ ମଣ୍ଡଳ, ଉପଦେଷ୍ଟା ଅଭିମନ୍ୟୁ ରାଉତ ଏବଂ ଧାମରା ପଂଚାୟତର ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୫୦ ମହିଳା ଅଂଶ ଗ୍ରହଣ କରିବା ସହ ତାଲିମ ନେଇଥିଲେ।

# ମୁରାସୁର ବଦ୍ଧ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ସମ୍ବଲପୁର,୨୭/୪(ନି. ପ୍ର): ସମ୍ବଲପୁର ଜିଲ୍ଲା ଗୋଡଭଗା କ୍ୟାମ୍ପ ଜଗନ୍ନାଥ ମନ୍ଦିର ଉପଲକ୍ଷେ ମୁରାସୁର ବଦ୍ଧ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁନୀଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କଳାମାଟି ସରପଂଚ ସୁଷମା ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ଗୋଡଭଗା ସରପଂଚ ମଞ୍ଜୁଲତା ସେଟ, ଲହଣ୍ଡା ସରପଂଚ ଅର୍ଜୁନ ନାଏକ, ଦୁଲମପୁର ସରପଂଚ ଭି.ଭେଙ୍କେନା ବାବୁ, କଳାମାଟି ସମିତି ସଭ୍ୟା ରୀନା ତରିଆ, ଗୋଡଭଗା ସମିତି ସଭ୍ୟା ପଙ୍କଜିନି ବାଗ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହାପରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ନଡିଆ ବାଡେଇ ଗୋଡଭଗାକ୍ୟାମ୍ପ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟିତ କରାଯାଇଥିଲା । ଆଜି ଅନୁଷ୍ଠିତ ମୁରାସୁର ଦରବାର କାର୍ଯ୍ୟକ୍ରମରେ ରାଜା କର୍ଣ୍ଣାଟକେଶ୍ୱରଙ୍କ ନଗର ପରିକ୍ରମା ଓ ମୁରାସୁରଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । ନଗର ପରିକ୍ରମା ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇ ଗୋଡଭଗା କଲେଜ ପଡିଆସ୍ଥିତ ଦରବାର ଯାଏଁ ପ୍ରତ୍ୟାବର୍ତନ କରିଥିଲା । ଦରବାରରେ ରାଜା କର୍ଣ୍ଣାଟକେଶ୍ୱରଙ୍କୁ ମୁରାସୁର ଗାଦିଚ୍ୟୁତ କରି ରାଜ୍ୟ ଅଧିକାର କରିବା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଉତ୍କଳ ଗୌରବ ମଧୁସୂଦନ

ସୁନନ୍ଦା ମହାନ୍ତି



ଅଠରଶହ ଅଠଚାଳିଶ, ଏପ୍ରିଲ ଅଠେଇଶ ତାରିଖରେ, କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ମଧୁ ବାରିଷ୍ଟର। ତାଙ୍କ ବାପାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ଶ୍ରୀମତୀ ପାର୍ବତୀ ଦେବୀ। ପିତୃ ମାତୃ ଦତ୍ତ ଜ୍ୟେଷ୍ଠ ପୁତ୍ର ଗୋବିନ୍ଦ ବଲ୍ଲଭ, ଆଜି ଓଡ଼ିଆର ପ୍ରତ୍ୟେକ ପ୍ରାଣରେ ପ୍ରିୟ ମଧୁ ବାରିଷ୍ଟର ନାମରେ ପରିଚିତ। ମଧୁବାବୁ ଥିଲେ ଅତ୍ୟନ୍ତ ଉଚ୍ଚାଭିଳାଷୀ।ସେ ଓଡିଶାର ପ୍ରଥମ ଓକିଲ, ପ୍ରଥମ ସ୍ନାତକ, ପ୍ରଥମ ବିଲାତ ଗସ୍ତ କରିଥିବା ଓଡ଼ିଆ ବ୍ୟକ୍ତି, ବାରିଷ୍ଟର, ଶିକ୍ଷକ, ଆଇନ ଅଧ୍ୟାପକ, ନବ ଓଡିଶାର ନିର୍ମାତା ଓ ପ୍ରତିଷ୍ଠାତା ତଥା ଜନ୍ମଭୂମିର ଭାଷା ସାହିତ୍ୟ ସମୃଦ୍ଧି ରକ୍ଷକ।

ନବଉତ୍କଳର ନିର୍ମାତାର ମୁଖ୍ୟ ମଧୁବାବୁ। ଉତ୍କଳର ପଚାଶ ବର୍ଷର ଇତିହାସରେ ମଧୁବାବୁଙ୍କ ଜୀବନ କାହାଣୀ ଗୁରୁତ୍ୱପୂର୍ଣ୍ଣ। ଓଡିଶା ଇତିହାସରେ, ମଧୁବାବୁଙ୍କ ପଚାଶ ବର୍ଷରେ ଓଡିଶାର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଶିଳ୍ପ, ବାଣିଜ୍ୟ ଓ ଶିକ୍ଷା ନିହିତ। ଓଡିଶାର ସଂସ୍କୃତି, ପରମ୍ପରା, ଲୋକକଳା, ଶିଳ୍ପ ଓ ବାଣିଜ୍ୟକୁ ବିଦେଶରେ ଆଦୃତ କରେଇ ଓଡିଶାର ଗୌରବ ବଢେଇବାକୁ ସର୍ବଦା ଚେଷ୍ଟିତ ଥିଲେ ମଧୁବାବୁ।ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଜୋତା କାରଖାନା ଉତ୍କଳ ଟ୍ୟାନେରୀ, ଓଡିଶାର ଅଳଙ୍କାର କାରଖାନା ସହ ଓଡିଶାର ସିଂଘ ଓ ରୁପାର ତାରକସି କାମକୁ ବିଶ୍ୱଦରବାରରେ ପହଞ୍ଚେଇବା ସହ ଓଡିଶାର ସମସ୍ତ ପାରମ୍ପାରିକ ଶିଳ୍ପ କଳା ଯଥା ନୃତ୍ୟ, ଗୀତ, ହସ୍ତଶିଳ୍ପର ସୁଦୂର ପ୍ରସାରି ବାଣିଜ୍ୟଗତ ବ୍ୟବସାୟ ସହ ଓଡିଶାକୁ ବିଲାତ ଭଳି ସମଗ୍ର ବିଶ୍ୱ ଦରବାରରେ ପ୍ରଦର୍ଶିତ କରିଥିଲେ। ରାଜନୈତିକ କ୍ଷେତ୍ରରେ ମଧୁବାବୁ କଲିକତାରୁ ଫେରିବା ପରେ ଅଠରଶହ ବୟାଅଶୀରେ, ଉତ୍କଳ ସଭା ଗଠନ କରି, ସେହିଦିନଠୁ ଓଡିଶାର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ବିଚ୍ଛିର୍ଣ୍ଣ ଓଡିଶାର କିଛି ଅଂଶ ବଙ୍ଗଳା, ମାଡ୍ରାସ ପ୍ରେସିଡେନ୍ସି, ମଧପ୍ରଦେଶରେ ଥିବା ସବୁ ଅଞ୍ଚଳକୁ ଏକାଠି କରି ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବାରେ ପ୍ରମୁଖ ଭୂମିକା ମଧୁବାବୁଙ୍କର ଥିଲା।

ଦେଶ, ଜାତିର ଉର୍ନ୍ନତି ସହିତ ମାଆ ମାତୃଭୂମି ଓଡିଶାର ବିକାଶ ଏବଂ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରାର ବିକାଶ ପାଇଁ ତାଙ୍କର ନିରନ୍ତର ପ୍ରଚେଷ୍ଟା ଜାରି ରହିଥିଲା। ସେତେବେଳର କୋଟିଏ ଓଡିଶାବାସୀଙ୍କୁ ଜାଗ୍ରତ କରି ଗୋଟିଏ ସ୍ୱରରେ ମାଆ ମାଆ ଡାକି, ସ୍ୱାର୍ଥକୁ ଆହୁତି ଦେବାକୁ ଓଡିଶାବାସୀଙ୍କୁ ଆହ୍ୱାନ ଦେଉଥିଲେ ମଧୁବାବୁ । ଓଡିଶାକୁ ନିଜର ପରିଚୟ ଦେବାକୁ ଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରି ସ୍ୱତନ୍ତ୍ର ମାନ୍ୟତା ଦେବାକୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ପ୍ରଚେଷ୍ଟା ଆଜି ଓଡିଶାବାସୀଙ୍କ ହୃଦୟରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି।

ନବ ଓଡିଶାର ନିର୍ମାତା ଓ ପ୍ରତିଷ୍ଠାତା ମଧୁବାବୁ ଜୀବିତ ଅବସ୍ଥାରେ ଆବାଳବୃଦ୍ଧବନିତାଙ୍କର ପ୍ରିୟ ମଧୁବାବୁ ବା ମଧୁବାରିଷ୍ଟର ରୂପେ ପରିଚିତ ଥିଲାବେଳେ ବିଶ୍ୱରେ ମିଷ୍ଟର ଦାସ ରୂପେ ପରିଚିତ।ନଶ୍ୱର ଦେହ ଉଣେଇଶଶହ ଚଉତିରିଶରେ ମାଟିରେ ମିଶି ଯାଇଥିଲେ ମଧ,ଆଗାଧ ପାଣ୍ଡିତ୍ୟ, ଅପରିସୀମ ବୁଦ୍ଧିମତ୍ତା ଓ ଦେଶ ତଥା ଜାତି ପ୍ରତି ପ୍ରୀତି ଆଜି ବି ତାଙ୍କୁ ଅମର ରଖିଛି।ଓଡିଶାର କେତେ ଜଣ ବରପୁତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ମାନ୍ୟତାରେ ମଧୁବାବୁଙ୍କ କଥା ଓ ଗାଥାରେ ସେ ସର୍ବଦା ଚିରସ୍ମରଣୀୟ।

ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଓ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ କିପରି ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଛନ୍ତି ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଉତ୍କଳ ଗୌରବ ମଧୁସୂଦନ କିପରି ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ବହୁ ସଂଘର୍ଷ କରି ଓଡିଶା ପରିଚୟର ସ୍ରଷ୍ଟା ହୋଇ ପାରିଥିଲେ ତାହା ଦେଖିବାର କଥା। ନିଜେ ଦେବାଳିଆ ହୋଇ ଓ ବହୁ ବ୍ୟକ୍ତିଙ୍କର ସାମୁହିକ ବିରୋଧକୁ ପ୍ରତିହତ କରି ଓଡ଼ିଆ ଜାତିର ଉର୍ନ୍ନତିକଳ୍ପେ ଚେଷ୍ଟା ଚରିତ୍ର ଜାରି ରଖିଥିଲେ ବୋଲି ଲୋକେ ବହୁ ପଛରେ ହୃଦୟଙ୍ଗମ କାରିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବୁଝିନପାରି ମଧୁବାବୁଙ୍କୁ ପାଗଳ ତଥା ଅହଙ୍କାରୀ କହୁଥିବା ଲୋକ ପଛରେ ଆଚମ୍ୱିତ ହୋଇଥିଲେ। ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତା ରକ୍ଷା କରାଯାଇପାରେ ଏବଂ ନିଜ ମାଟି ମାଆର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସମ୍ପର୍କରେ ପ୍ରକୃତ ମାର୍ଗଦର୍ଶକ ହିଁ ବୁଝିପାରେ। ମଧୁବାବୁ ଏହି ମାଟିରୁ ଉଠି ବଢିଥିଲେ, ଇଂରାଜି ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପଢିଥିଲେ, ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କାରିଥିଲେ, ବିଦେଶ ଯାଇଥିଲେ ଓ ବିଦେଶୀ ଉଚ୍ଚଶିକ୍ଷା ସହ ବିଦେଶୀ ଆଦବକାଇଦା, ଚଳଣି ଶିଖି ସେହି ଅନୁସାରେ ଚାଲୁଥିଲେ। ସମାନ୍ତରାଳ ଭାବେ ଓଡ଼ିଆ ପଗଡି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଆ ରାଜ୍ୟ ପାଇଁ ଦାବୀ କରୁଥିଲେ ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଂଗାଳୀ, ତାଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ।

ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠିକାର ଜିନିଷ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ଓଡ଼ିଆଙ୍କ ବଦନାମକୁ ଡରି କ୍ଷତି ସହୁଥିଲେ। ଏବେ ଓଡ଼ିଆ ଭାଷା ଚୁଲିକୁ ଯାଉଥିବା ବେଳେ, ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ନେଇଯିବାକୁ ବସିଥିବା ବେଳେ ଜଣାଅପଡୁଛି ମଧୁବାବୁଙ୍କ ସ୍ୱାର୍ଥମେଧ ଯଜ୍ଞରେ ଆହୁତି ଦେବାକୁ କେହି ଜନ୍ମି ନାହାଁନ୍ତି। ସେଇଥି ପାଇଁ ସେ ବହୁ ପୂର୍ବରୁ ଲେଖିଥିଲେ 'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ। ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ 'ମଧୁବାବୁ ବିକଳ ହୋଇ ସେତେବେଳେ ମାଆ ଓ ଭାଇଙ୍କୁ ଡାକିଥିଲେ ମଧ କାହାଠୁ ଉତ୍ତର ପାଇନଥିଲେ। ଓଡ଼ିଆ ଜାତୀୟ ଚେତନା, ଭାଷା ଆନ୍ଦୋଳନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ। ସେଥିପାଇଁ ସେ ଗାଇ ଉଠିଥିଲେ,'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁଟୁ କେତେ ଦିନେ। ପୂରୁବ ଗୌରବ ପୂରୁବ ମହିମା ପଡୁନିକି ତୋର ମନେ 'ଆଜି ଶହେ ସତସ୍ତରୀ ଜନ୍ମ ଜୟନ୍ତୀରେ ମନେ ପଡନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ।

+ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ମଧୁ ବାରିଷ୍ଟର ସାଙ୍ଗେ ଲଢ଼ିବି...

ପୁଷ୍ପମିତ୍ର ମହାପାତ୍ର

ହଜାର ବର୍ଷର ପରିଚୟ, କିମ୍ୱଦନ୍ତୀଙ୍କୁ ନେଇ କଟକ ସହରର ପରିଚୟ । ସ୍ୱାଭିମାନୀ ଉତ୍କଳ ଗୌରବ ମଧୁବାବୁଙ୍କ ବିନା କଟକର ପରିଚୟ ଅପୂର୍ଣ୍ଣ । ଓଡ଼ିଆ ଜାତି ଓ ଆମ ବୀରଭୂମି କଳିଙ୍ଗର ସମ୍ମାନ, ସ୍ୱାଭିମାନକୁ ବଜାୟ ରଖିବା ପାଇଁ ଉତ୍କଳର କର୍ଣ୍ଣଧାର ଜନନାୟକ ମଧୁସୂଦନଙ୍କ ତ୍ୟାଗ, ଉତ୍ସର୍ଗୀକୃତ ସାଧନା ଓ ବଳୀଦାନର ପଟାନ୍ତର ନାହିଁ । ଏହି ଜାତିର ସମ୍ମାନକୁ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱ ଦରବାରରେ ଶ୍ରେଷ୍ଠତ୍ୱରେ ପହଞ୍ଚାଇବା ପାଇଁ ଏହି ଜନନାୟକଙ୍କ ବଳିଦାନର ମୂଲ୍ୟ ଏହି ରାଜ୍ୟ କେବେ ବି ପୂରଣ କରିବାକୁ ସମର୍ଥ ହେବନାହିଁ । 'କାଳିଆ ଘୋଡ଼ାରେ ଚଢ଼ିବି ମଧୁ ବାରିଷ୍ଟର ସାଙ୍ଗେ ଲଢ଼ିବି.......' ଓଡ଼ିଆ ଜନ ଜୀବନରେ ଏହି ଲୋକପ୍ରିୟ ଧାଡ଼ିଟି ଉତ୍କଳ ଗୌରବ ମଧୁସୂଦନଙ୍କ କାଳଜୟୀ କୀର୍ତ୍ତିକୁ ଏହି ଜାତିର ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ବାର୍ତ୍ତା ବହନ କରେ। କେବଳ ରାଜନୈତିକ ଚେତନା ନୁହେଁ ଉତ୍କଳୀୟ ଜାତୀୟତାର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଥିଲେ ଯଥାର୍ଥରେ ସମଗ୍ର ଭାରତରେ ଜଣେ ବିଶିଷ୍ଟ ଜନନାୟକ । ନିଜ ତମାମ ଜୀବନକୁ ଓଡ଼ିଆ ଜାତିର ସ୍ୱାର୍ଥ ଓ ବୃହତ୍ତର ଓଡ଼ିଶା ଗଠନ ପାଇଁ ସେ ଉତ୍ସର୍ଗ କରିଥିଲେ । ମଧୁ ବାବୁଙ୍କ ଜାତୀୟତାର ପ୍ରେରଣା ଚିରକାଳ ପାଇଁ ଓଡ଼ିଆ ଜାତି ପାଇଁ କ୍ଲାନ୍ତିର ବହ୍ନି ସଦୃଶ ପିଢ଼ି ପିଢ଼ିକୁ ଦିଗ୍‌ଦର୍ଶନ ଦେଇ ଆସୁଛି । ଜଣେ କର୍ମଯୋଗୀ ଭାବେ ମଧୁସୂଦନଙ୍କ ଜୀବନ ଓ ତାଙ୍କ ଦିବ୍ୟଦୃଷ୍ଟି ସମଗ୍ର ଓଡ଼ିଶାର ସ୍ୱତନ୍ତ୍ରତା ପ୍ରତିଷ୍ଠା ପାଇଁ କ୍ରାନ୍ତୀର ମଶାଲ ପରି ଯେଉଁ ପ୍ରେରଣାର ବହ୍ନି ପ୍ରଜ୍ୱଳିତ କରିଯାଇଛନ୍ତି ତାହାକୁ ଏ ଜାତି କେବେ ବି ଭୁଲି ପାରିବ ନାହିଁ । କୁଳବୃଦ୍ଧ ମଧୁସୂଦନଙ୍କ ଜାତୀୟତା ଓ ତ୍ୟାଗ ବିଷୟରେ ଜାତିର ଜନକ ସମସ୍ତଙ୍କର ପ୍ରିୟ ବାପୁଜୀ ମହାତ୍ମା ଗାନ୍ଧୀ ଉଲ୍ଲେଖ କରିଛନ୍ତି – 'ଜଣେ ଦେଶଭକ୍ତ ଭାବେ ମଧୁସୂଦନ ସମସ୍ତଙ୍କ ପାଇଁ ଚିରକାଳ ସ୍ମରଣୀୟ । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ବି ହିନ୍ଦୁ ଧର୍ମ ପ୍ରତି ତାଙ୍କର ବିଶ୍ୱାସ ଅନୁରାଗ ରହିଥିଲା । ସେ ନିଜ ଜୀବନକୁ ନିଶେଷ କରିଦେଇ ଦେଶବାସୀଙ୍କୁ ଜାତୀୟତାର ସନ୍ଦେଶ ଅନୁପ୍ରାଣୀତ କରିଯାଇଛନ୍ତି' । ସେହିପରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସାରଥୀ ମହର୍ଷି ଶ୍ରୀ ଅରବିନ୍ଦ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ – "ଓଡ଼ିଶାରେ ବର୍ତ୍ତମାନ ଏକ ନବଚେତନା ଓ ନବଜାଗରଣର ସୂତ୍ରପାତ ହୋଇଛି । ଓଡ଼ିଶା ତା'ର ଅସ୍ତିତ୍ୱ ରକ୍ଷା ଲାଗି ଏକ ସୁଦକ୍ଷ ଶକ୍ତିଶାଳୀ ନେତାଙ୍କ ଅଧିନାୟକତ୍ୱରେ ଲାଗି ପଡ଼ିଛି ।"

ବାଲ୍ୟକାଳୁ ମଧୁବାବୁ ଦାରିଦ୍ର୍ୟ ଓ ପ୍ରତିକୂଳ ପରିସ୍ଥିତି ସହ ସଂଗ୍ରାମ କରି ପରବର୍ତ୍ତୀ ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରି ଅନେକ କଷ୍ଟ ସ୍ୱୀକାର ଭିତରେ ଓକିଲାତି ପାସ କରିଥିଲେ । କେବଳ ସେତିକି ନୁହେଁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଜ ତମାମ ଜୀବନର ଶ୍ରମ, ସମୟ, ପ୍ରତିପତି ଓ ଅର୍ଥକୁ ସେ ନିଶେଷ କରି ଦେଇଥିଲେ । ସଦାସର୍ବଦା ନିଜ ଜନ୍ମଭୂମି ଓଡ଼ିଶା ମାଟିର ସ୍ୱାଭିମାନକୁ ରକ୍ଷା ପାଇଁ ସେ କେବେ ବି କୌଣସି ପରିସ୍ଥିତି ସହ ସାଲିସ୍ କରିନାହାଁନ୍ତି । ତମାମ ଜୀବନରେ ନିଜର ସମସ୍ତ ଅର୍ଥକୁ ବୃହତ୍ତର ଓଡ଼ିଶା ଗଠନ ପାଇଁ ଓ ଯେ କୌଣସି କ୍ଷେତ୍ରରେ ଭାଙ୍ଗି ପଡୁଥିବା ବା ଦୁଃଖ ଓ ଅଭାବ ସହିତ ସଂଗ୍ରାମ କରୁଥିବା ଓଡ଼ିଆଙ୍କ ପାଇଁ ସେ କ୍ରାନ୍ତୀର ଦେବଦୂତ ପରି ନିଜର ସମସ୍ତ ଅର୍ଥ ଖର୍ଚ୍ଚ କରି ଜୀବନର ଶେଷ ସମୟରେ ସେ କପର୍ଦ୍ଦକଶୂନ୍ୟ ହୋଇଯାଇଥିଲେ । ଏଇ ସେଇ ଓଡ଼ିଆ ଜାତି ସର୍ବସ୍ୱ ଦେଶପ୍ରାଣ ମଧୁସୂଦନ ଦାସ । ଏ ଦେଶ, ଏ ଜାତି ପାଇଁ ତାଙ୍କ ଦାନର ପଟାନ୍ତର ନାହିଁ । କର୍ମର କଳନା ନାହିଁ । ତାଙ୍କର ଯଶୋଗାନ ଓ ବୈଶିଷ୍ଟ୍ୟ ବିଚାର ପାଇଁ ଭାଷା ନାହିଁ । ଜାତି ପାଇଁ ସର୍ବସ୍ୱ ଦାନ କରି ସେ ନିଃସ୍ୱ, ନିଃଶେଷ ହୋଇଯାଇଛନ୍ତି । କିନ୍ତୁ ତାଙ୍କର ତ୍ୟାଗ, ତପସ୍ୟା ନିଷ୍ଫଳ ହୋଇଯାଇନାହିଁ । ତାଙ୍କର ଜୀବନାଦର୍ଶ ଯୁଗ ଯୁଗ ଧରି ଆମ ଯାତ୍ରାପଥର ପାଥେୟ ହୋଇ ରହିଥିବ । ମଧୁବାବୁ ଏହି ସମାଜ ପାଇଁ ଆମ ବୃହତ୍ତର ଓଡ଼ିଶା ପାଇଁ ଥିଲେ ସ୍ୱୟଂ ଦେବଦୂତ । ଯେଉଁ ସମୟରେ ଓଡ଼ିଆ ଜାତି ଓ ଓଡ଼ିଶା ରାଜ୍ୟ ବିଖଣ୍ଡିତ ହେବାର ସ୍ଥିତିରେ ପହଞ୍ଚିଥିଲା ସେହି ସମୟରେ ସ୍ୱାଭିମାନର ପ୍ରତୀକ ମଧୁବାବୁ ସମସ୍ତଙ୍କ ଭିତରେ ଜାଗରଣ ଓ ପ୍ରେରଣା ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । ଯଦି ଏହି ଜାତି ପାଇଁ ସ୍ୱାଭିମାନର ପ୍ରତୀକ କାହାଙ୍କୁ ବିଚାର କରାଯିବାର ପ୍ରସଙ୍ଗ ଆସେ ଏ କ୍ଷେତ୍ରରେ ଜଣକ ନାଁକୁ ପ୍ରତିଟି ଓଡ଼ିଆ ଶ୍ରଦ୍ଧା ଓ ସମ୍ମାନର ସହିତ ଉଚ୍ଚାରଣ କରିପାରିବେ ସେ ହେଉଛନ୍ତି ସମସ୍ତଙ୍କର ପ୍ରିୟ ମଧୁବାବୁ ।

ପିଲାମାନଙ୍କ ପାଇଁ ଯେଉଁ ଲୋକ ଧାଡ଼ିଟି ବହୁଳ ପ୍ରିୟତା ଅର୍ଜନ କରିଛି ତାହା ଯଥାର୍ଥ ଏହି ଜାତି ପାଇଁ । ମଧୁବାବୁ ନିଜ ସ୍ୱାଭିମାନର ପ୍ରତୀକକୁ ପାଥେୟକରି ଘୋଡ଼ା ଚଢ଼ା ସହ ତତ୍କାଳୀନ ସମୟରେ ଯେଉଁ ସମ୍ମାନ ପାଇଥିଲେ ତାହା ସଂପ୍ରତି ଆଜି ଓଡ଼ିଆ ଜାତି ପାଖରେ ପ୍ରାୟତଃ ଦିଶୁନାହିଁ । ସ୍ୱାଭିମାନକୁ ନେଇ ଯେଉଁ ଦିବ୍ୟ ବ୍ୟକ୍ତିତ୍ୱ କେବେ ବି ନିଜ ରାଜ୍ୟର ସମ୍ମାନକୁ ସାଲିସ୍ କରିବାକୁ ଚିନ୍ତା ବି କରିନଥିଲେ ସେହି ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଆଜି ଗଠନ ହେଲାପରେ କେଉଁ ସ୍ଥିତିରେ ପହଞ୍ଚିଛି ତାହା ସମସ୍ତଙ୍କୁ ଜଣା । ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ, ସାରସ୍ୱତ କ୍ଷେତ୍ରକୁ ଦେଖିଲେ ଆଜି ସବୁଠି ସମସ୍ତଙ୍କର ପ୍ରିୟ ସ୍ୱାଧୀନଚେତା ନିର୍ଭୀକ ସ୍ୱାଭିମାନର ସତ୍ୟନିଷ୍ଠ ପୂଜାରୀ ମଧୁବାବୁଙ୍କ ବ୍ୟକ୍ତିତ୍ୱ ସ୍ମରଣକୁ ଆସୁଛି । ଯେତେଦିନ ପର୍ଯ୍ୟନ୍ତ ଏହି ଓଡ଼ିଆ ଜାତି ଯୁଗ ଯୁଗ ପାଇଁ ରହିଥିବ ସେତିକି ଦିନ ପର୍ଯ୍ୟନ୍ତ ମଧୁବାବୁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ମଉଡ଼ମଣୀ ଭାବରେ ବିରାଜିତ ହୋଇ ରହିଥିବେ । ନିଜ ରାଜ୍ୟର ସ୍ୱାଭିମାନ ପାଇଁ ନିଜ ମାତୃଭୂମିର ଅଖଣ୍ଡତା ପାଇଁ ଆଉ ନିଜ ବ୍ୟକ୍ତିତ୍ୱକୁ କୌଣସି ପରିସ୍ଥିତିରେ ସାଲିସ୍ ନକରି ଯେଉଁ ଶ୍ରେଷ୍ଠ ନାୟକ ଯେଉଁ ଓଡ଼ିଆ ପୁଅ ଏହି ମାଟିର ଟେକ ରଖିଛନ୍ତି ତାଙ୍କରି ଅବର୍ତ୍ତମାନରେ ତାଙ୍କରି ସ୍ମୃତିକୁ ପାଥେୟକରି ତାଙ୍କର ସ୍ୱପ୍ନର ସ୍ୱତନ୍ତ୍ର ଓଡ଼ିଶା ପାଇଁ ନିଜ ସ୍ୱାର୍ଥକୁ ପଛରେ ପକାଇ ଏହି ଜାତିର ସ୍ୱାଭିମାନ ଆଉ ସମ୍ମାନର ଟେକ ରଖି ପାରିଲେ ତାହା ହିଁ ହେବ ଏହି ଜାତିର କର୍ଣ୍ଣଧାରା ପଟ୍ଟପୁରୋଧା ଆଉ ସ୍ୱାଭିମାନର ପ୍ରତୀକ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ସେକ୍ଟର-୬, ସିଡିଏ, କଟକ,
ମୋ : ୯୪୩୭୨୨୫୬୮୯,

# ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ମଧୁ ବାବୁ

ବିଶ୍ୱବିଜୟୀ ଦାଶ



ଉତ୍ଥାନ, ପତନ ଗୋଟିଏ ଜାତିର ଇତିହାସରେ କିଛି ନୂଆ କଥା ନୁହେଁ। ଇଂରେଜ ଶାସନ ଅମଳରେ ନିର୍ଯ୍ୟାତିତ ଓଡ଼ିଆ ଜାତି ମୁମୂର୍ଷ ଅବସ୍ଥାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମରତ ଥିବାବେଳେ କେତେଜଣ ଯୋଗଜନ୍ମା ବ୍ୟକ୍ତିବିଶେଷଙ୍କ ଆବିର୍ଭାବ ଜାତୀୟ ଜୀବନରେ ଆଶାର ସଂଚ୍ଚାର କରିଥିଲା। ଉତ୍କଳୀୟ ସଂସ୍କୃତିର ସୁରକ୍ଷା ତଥା ରାଜନୈତିକ,ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଯେଉଁ ଯୋଗଜନ୍ମା ନିଜର ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ,ସେମାନଙ୍କ ମଧ୍ୟରୁ ଦେଶପ୍ରାଣ ଉତ୍କଳଗୌରବ ମଧୁସୂଦନ ଦାସ ଅନ୍ୟତମ।ଆମ ଓଡ଼ିଶା ର ପ୍ରଥମ ଓଡ଼ିଆ ବି.ଏ,ପ୍ରଥମ ଓଡ଼ିଆ ଏମ୍.ଏ,ପ୍ରଥମ ଓଡ଼ିଆ ଓକିଲ,ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ,ସ୍ୱାଧିନତା ସଂଗ୍ରାମୀ,ଯିଏକି ଓଡ଼ିଶାକୁ ନିଜର ପ୍ରାଣ ଦେଇ ଭଲ ପାଉଥିଲେ ଓ କାମ କରୁଥିଲେ ତଥା ଓଡ଼ିଆ ଜାତିର ଚିର ନମସ୍ୟ,ପ୍ରାତଃ ସ୍ମରଣୀୟ,ଚିର ବରଣୀୟ କୂଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ।

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ ।ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ।

ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ ।ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ (ଆଜି ଏହାକୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି) । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ।୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ।ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା । ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ।ସେଠାରେ ମଧୁବାବୁ ଏମ୍.ଏ. ପାସ୍ କରିଥିଲେ। ତା'ପରେ ମଧୁବାବୁ କଲିକତା ବିଶ୍ୱବିଦ୍ୟାଳୟ ବି.ଏଲ୍. ପାସ କରି ସାରିଥିଲେ।ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ ।ସେଠାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପଥରେ ମଧୁବାବୁ ଲାଗିପଡ଼ିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପଟ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ।ବିଚ୍ଚକ୍ଷଣ ବୁଦ୍ଧି ବଳରେ ସେ ଓକିଲାତି ରେ ବିଶେଷ ପାରଦର୍ଶିତା ଅର୍ଜନ କରିପାପିଥିଲେ ଓ ମଧୁବାରିଷ୍ଟର ଭାବେ ପରିଚ୍ଚିତ ହୋଇଥିଲେ।ତାଙ୍କର ଓକିଲାତି ଜୀବନକାଳରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା । ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ଓଡ଼ିଶାରେ ଚ୍ଚମଡ଼ାଶିଳ୍ପର ବିକାଶ ନିମନ୍ତେ ଉତ୍କଳ ଟ୍ୟାନେରି ଏବଂ ଓ କଟକର ସୁନା-ରୂପାର ତାରକସି କାମ ପାଇଁ ସେ ଉତ୍କଳ ଆର୍ଟ ୱାର୍କସର ପ୍ରତିଷ୍ଠା କରିଥିଲେ।

ଉନ୍ନବିଂଶ ଶତାବ୍ଦୀର ଶେଷାର୍ଦ୍ଧେ ବେଳକୁ ଏକ ବିପର୍ଯ୍ୟନ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡ଼ିଶା।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !

ବାଦଲ ଭୂୟାଁ

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ୱିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।



ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଲମାଲ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ । ଓଡ଼ିଆ ଜାତୀୟ ଚେତନା, ଭାଷା ଆନ୍ଦୋଳନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ। ଓଡ଼ିଆ ଅସ୍ମିକା ଓ ତାଙ୍କରି ସ୍ୱାଭିମାନର ଚିନ୍ତା ଚେତନା ବିନା ଏ ରାଜ୍ୟର କୌଣସି ପ୍ରଗତି ସମ୍ଭବ ବି ନୁହେଁ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୂଟନୀତିକ ଲଢ଼େଇ...

ମଙ୍ଗଳବାର ଦିନ ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀମାନଙ୍କ ଆକ୍ରମଣ ଓ ସେମାନଙ୍କ ଗୁଳିରେ ୨୬ ଜଣଙ୍କ ପ୍ରାଣହାନି ପ୍ରତି ଭାରତୀୟଙ୍କୁ ଗଭୀର ଭାବରେ ମର୍ମାହତ କରିଛି । ତୀବ୍ର ପ୍ରତିକ୍ରିୟାଶୀଳ କରିଛି ପାକ-ସମର୍ଥିତ ଆତଙ୍କୀଙ୍କ ପ୍ରତି; ପାକିସ୍ତାନ ପ୍ରତି, କାରଣ ଏହି ଆକ୍ରମଣ ହେଉଛି ସମ୍ଭବତଃ ଏକ ଶତାବ୍ଦୀର ତିନି ଭାଗରୁ ଭାଗେ ସମୟ ଭିତରେ ସର୍ବାଧିକ ଭୟାବହ ଆକ୍ରମଣ। ପରିଣତିରେ ଭାରତ ପ୍ରତିଶୋଧ ପରାୟଣ ହେବାକୁ ଏକ ପ୍ରକାର ବାଧ୍ୟ ହୋଇଛି । ଆଉ ଏହି କାରଣରୁ ବୁଧବାର ଦିନ ଭାରତ ୧୯୬୦ ମସିହାରେ ହୋଇଥିବା ଇଣ୍ଡସ ୱାଟର ଟ୍ରିଟି ବା ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତିରେ ଅଂଶଗ୍ରହଣକୁ ବାତିଲ କରିଛି, ଦୁଇ ଦେଶ ମଧ୍ୟରେ ଚଳପ୍ରଚଳ ନିମନ୍ତେ ଉନ୍ମୁକ୍ତ ରଖା ଯାଇଥିବା ଏକମାତ୍ର ୱାଘା- ଅଟ୍ଟାରୀ ସୀମାକୁ ବନ୍ଦ କରିଛି, ନୂଆଦିଲ୍ଲୀରେ ଏହାର ହାଇ କମିଶନଠାରୁ ପାକିସ୍ତାନର ସାମରିକ ସମ୍ପର୍କକୁ ବହିଷ୍କାର କରିଛି ଏବଂ ନୂଆଦିଲ୍ଲୀ ଓ ଇସଲାମାବାଦଠାରେ ଥିବା ଏହାର କୂଟନୀତିକ ଉପସ୍ଥିତିକୁ ଛିନ୍ନ କରିଛି। ଆହୁରି ମଧ୍ୟ ନୂଆଦିଲ୍ଲୀ ସ୍ୱତନ୍ତ୍ର ଭିସା ବଳରେ ଭାରତ ଆସିଥିବା ପାକିସ୍ତାନୀମାନଙ୍କୁ ୪୮ ଘଣ୍ଟା ଭିତରେ ଦେଶ ଛାଡ଼ି ଚାଲିଯିବାକୁ ଆଦେଶ ଦେଇଛି । ଏହିସବୁ ପଦକ୍ଷେପଗୁଡ଼ିକ ମଧ୍ୟରେ ସିନ୍ଧୁ ନଦୀର ଜଳ ଚୁକ୍ତି ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ : ପାକିସ୍ତାନ ପର୍ଯ୍ୟାପ୍ତ ପରିମାଣରେ ଏହି ନଦୀର ଜଳ ଉପରେ ନିର୍ଭର କରିଥାଏ ଏବଂ ଭାରତ ଏହି ଚୁକ୍ତିରୁ ଓହରି ଯିବାର ଅର୍ଥ, ପାକିସ୍ତାନକୁ ପ୍ରବାହିତ ହେଉଥିବା ଏହି ନଦୀର ଜଳ ପରିମାଣକୁ ଭାରତ ହ୍ରାସ କରିପାରେ । ସିନ୍ଧୁ ନଦୀ ବ୍ୟବସ୍ଥାରୁ ପଶ୍ଚିମକୁ ପ୍ରବାହିତ ନଦୀଗୁଡ଼ିକରୁ ପାକିସ୍ତାନ ୩୯ ବିଲିଅନ୍ ଘନ ମିଟର ଜଳ ପାଇଥାଏ। ଏହି ଚୁକ୍ତିରୁ ଭାରତ ଓହରିବାର ଏକ ସଂକେତ ହେଉଛି, ଭାରତ ପୂର୍ବାବସ୍ଥାକୁ ଫେରିବ ଏବଂ ଏହାର ମଧ୍ୟ ଯଥାର୍ଥତା ରହିଛି କାରଣ ସେମାନଙ୍କର ଧୃଷ୍ଟତାର ସୀମା ଲଂଘନ ପାଇଁ ଭାରତ କେତେଦୂର ଗତି କରିପାରେ, ତାହା ପାକିସ୍ତାନର ସେନାବାହିନୀ ଏବଂ ବେସାମରିକ ସରକାରଙ୍କୁ ସୂଚାଇ ଦେବା ନିମନ୍ତେ ଏହା ସର୍ବାଧିକ ଉତ୍କୃଷ୍ଟ କୂଟନୀତିକ ପଦକ୍ଷେପ। ପରନ୍ତୁ, ଭାରତ ଯଦି ବାସ୍ତବରେ ଜଳର ପ୍ରବାହରେ ହସ୍ତକ୍ଷେପ କରିବାକୁ ନିଷ୍ପତ୍ତି ନିଏ, ତା'ହେଲେ ପଶ୍ଚିମ ପାକିସ୍ତାନ ଜଳ ଯୋଗାଣରେ ସଂକଟଜନକ ପରିସ୍ଥିତିକୁ ସାମ୍ନା କରିବା ସହିତ ଏହାର ଶକ୍ତି ଉତ୍ପାଦନ କ୍ଷେତ୍ର ଘୋର ବ୍ୟାଘାତପ୍ରାପ୍ତ ହେବ ଏବଂ ଏହାର କୃଷି କ୍ଷେତ୍ର ସିନ୍ଧୁ ନଦୀ ବ୍ୟବସ୍ଥା ଉପରେ ଅଧିକାଂଶ ପରିମାଣରେ ନିର୍ଭରଶୀଳ। ଯେଉଁ ରାଷ୍ଟ୍ର ଆତଙ୍କୀକୁ ରାଷ୍ଟ୍ରର ଏକ ସର୍ବାଧିକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବିବେଚନା କରେ, ଏହି ପଦକ୍ଷେପ ସେହି ରାଷ୍ଟ୍ର ନିମନ୍ତେ ଭାରତ ପାଇଁ ଏକ ଅମୋଘ ଅସ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ୍ କମିଟି ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରୁ ଏକଥା ସ୍ପଷ୍ଟ ଯେ ଏହା ନିକଟରେ ପାଞ୍ଚରୁ ଛଅ ଜଣ ଆତଙ୍କବାଦୀ ପାକିସ୍ତାନର ହୋଇଥିବା ବେଳେ ନିହାତି କମ୍‌ରେ ଉପରୋକ୍ତ ଆକ୍ରମଣରେ ନିହାତି କମ୍‌ରେ ତିନି ଜଣ ସମ୍ପୃକ୍ତ ଥିବାର ବିଶ୍ୱସନୀୟ ସୂଚନା ରହିଛି । ଏଥିରେ ମଧ୍ୟ ବିସ୍ମିତ ହେବାର କିଛି ନାହିଁ ଯେ ଗୁରୁବାର ଦିନ ପାକିସ୍ତାନ ଭାରତର ପଦକ୍ଷେପଗୁଡ଼ିକ ପ୍ରତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ବର୍ତ୍ତମାନ ଏକ ପ୍ରକାର ଶୀତଳ ଭଣ୍ଡାରକୁ ଚାଲି ଯାଇଥିବା ୧୯୭୧ର ସିମ୍‌ଲା ଚୁକ୍ତି ପରେ ଏହା ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ସମସ୍ତ ପ୍ରକାରର ଦ୍ୱିପାକ୍ଷିକ ଚୁକ୍ତିକୁ କାର୍ଯ୍ୟକାରୀ କରିବାର ଅଧିକାର ବହନ କରୁଥିବା ବେଳେ ପହଲଗାମ୍ ଆକ୍ରମଣରେ ଏହାର ଆଦୌ ହାତ ନାହିଁ ବୋଲି କହି ଆରୋପକୁ ପ୍ରତ୍ୟାଖ୍ୟାନ କରିଛି । ଏହା ପାକିସ୍ତାନୀ ବିମାନ ବନ୍ଦରଗୁଡ଼ିକରେ ଭାରତୀୟ ବିମାନଗୁଡ଼ିକର ପ୍ରବେଶକୁ ବନ୍ଦ କରିଛି ଏବଂ ସ୍ୱତନ୍ତ୍ର ଭିସା ଯୋଗେ ସେଠାରେ ଥିବା ଭାରତୀୟମାନଙ୍କ ଦେଶ ଛାଡ଼ି ଯିବା ପାଇଁ କହିଛି । ଏହିଭଳି ଭାବରେ ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାବପ୍ରବଣତାରେ ଭାସିଯିବା ଅପେକ୍ଷା ଏକ ଚିନ୍ତାଶୀଳ ଢଙ୍ଗରେ କାର୍ଯ୍ୟ କରିବା ଉଚିତ। ଶ୍ରୀଯୁକ୍ତ ମୋଦୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ପ୍ରାଥମିକତା ଦେବା ଉଚିତ। ଉଦାହରଣ ସ୍ୱରୂପ, ଭାରତର ନିଜସ୍ୱ ସୀମା ଭିତରେ କେତେକ ଘଟଣା ରହିଛି, ଯେଉଁଗୁଡ଼ିକ ଉପରେ ସରକାର ପ୍ରଥମେ ନିଜର ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ଯେଉଁ କମାଣ୍ଡଧାରୀମାନେ ଆକ୍ରମଣକୁ ସଂଘଟିତ କରିଛନ୍ତି, ସେମାନେ ଏବେ ବି ଖୋଲାରେ ବୁଲୁଛନ୍ତି; ସେମାନଙ୍କ ମଧ୍ୟରୁ କାହାକୁ ବି ହେଲେ ଜୀବନ୍ତ ଅବସ୍ଥାରେ ଗିରଫ କରିବା ଏକ ବଡ଼ ଧରଣର ଗୁଇନ୍ଦା ବିଜୟର ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ଭାରତର ବିଭିନ୍ନ ଭାଗରେ ରହୁଥିବା କାଶ୍ମୀରବାସୀଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ କୁହାଯିବା ସମ୍ପର୍କରେ ଯେଉଁ ସମ୍ବାଦମାନ ପ୍ରକାଶ ପାଉଛି, ତାକୁ ଅତ୍ୟଧିକ ଚିନ୍ତାର କାରଣ ଭାବରେ ବିବେଚନା କରି ସେଥିପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ କରାଯିବା ଉଚିତ। ଭାରତ ଯଦି ନିଜର ନାଗରିକମାନଙ୍କୁ ଅଜ୍ଞାତ ଜନ ଭୀତିରୁ ରକ୍ଷା କରି ନପାରେ, ତା'ହେଲେ ଏହା ଅର୍ଥପୂର୍ଣ୍ଣ ଭାବରେ ଏକ ବାହ୍ୟ ଶତ୍ରୁ ବିରୁଦ୍ଧରେ ଏହାର ଜାତୀୟ ସୁରକ୍ଷାକୁ କ୍ୱଚିତ୍ ପ୍ରତିରୋଧ କରି ପାରିବ । ଯେତେଦୂର ପାକିସ୍ତାନର କଥା ଆସେ, ଭାରତ ପ୍ରଥମେ ଆକ୍ରମଣକାରୀଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟକୁ ପୁଷ୍ଟ କରିବା, ଘଟଣା ପଛର ମାଷ୍ଟରମାଇଣ୍ଡ୍ ସମ୍ପର୍କରେ ଜାଣିବା, ସେମାନଙ୍କ ସହିତ ଇସଲାମାବାଦର ସମ୍ପର୍କ ଏବଂ ସେମାନଙ୍କର ଉଦ୍ଦେଶ୍ୟଗୁଡ଼ିକୁ ଭଲ ଭାବରେ ଜାଣିବା ଉଚିତ । ଏହିସବୁ ତଥ୍ୟକୁ ଭାରତ ସମଗ୍ର ବିଶ୍ୱବାସୀଙ୍କ ସମ୍ମୁଖକୁ ଆଣିବା ବିଧେୟ । ଏକ ସଶସ୍ତ୍ର ସଂଗ୍ରାମ ଭାରତର ସ୍ୱାର୍ଥ ପ୍ରତି ହିତକର ନୁହେଁ । ଶ୍ରୀଯୁକ୍ତ ମୋଦୀ ଯେପରି ଆଗରୁ କହି ସାରିଛନ୍ତି- ଏହା ଯୁଦ୍ଧର ଯୁଗ ନୁହେଁ, ସେହି ଅନୁସାରେ କାମ କରିବା ସହିତ ସମସ୍ତଙ୍କ ନିକଟରେ ପ୍ରତିଷ୍ଠିତ ସୂଚନା ହିଁ ଭାରତ ନିମନ୍ତେ ସମଗ୍ର ବିଶ୍ୱବାସୀଙ୍କ ସ୍ୱତଃସ୍ଫୁର୍ତ୍ତ ସହାନୁଭୂତିକୁ ଆକର୍ଷିତ କରିବ।

# ଉତ୍କଳଗୌରବ ମଧୁସୂଦନ ଦାସ ଏକ ଅବଲୋକନ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ସମଗ୍ର ବିଶ୍ୱ ଇତିହାସର ଗର୍ଭାନୁଶୀଳନ କଲେ ତ୍ୟାଗ, ତୀତିକ୍ଷା, ବଳିଦାନର ସର୍ବକାଳୀନ ତ୍ୟାଗର ଶ୍ରେୟ କେବଳ ଏହି ମହାପୁରୁଷଙ୍କ ପାଇଁ ଓଡ଼ିଆ ଇତିହାସ ହିଁ ନେବ। ଏହାର ସମୁଜ୍ଜ୍ୱଳ ଐତିହାସିକ ମହାନାୟକ ରାଜା ଇନ୍ଦ୍ରଦ୍ୟୁମ୍ନ। ସେଥିପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ଶ୍ରାଦ୍ଧ ଦେଇଆସୁଛନ୍ତି ପ୍ରଭୁ ଜଗନ୍ନାଥ । ମହାପୁରୁଷଙ୍କ ଜୀବନାଲେଖ୍ୟ ଓ ଅକଳ୍ପନୀୟ ଅବଦାନକୁ ଉପଜିବ୍ୟ କଲେ ପ୍ରତ୍ୟେକ ଓଡ଼ିଆ ତାଙ୍କ ମାଟିର ପାତାଳ ଭେଦୀ କୃତଜ୍ଞତା ଜ୍ଞାପନ ସଂସ୍କୃତି ଆଧାରରେ କୁଳବୃଦ୍ଧ ମଧୁସୂଦନଙ୍କ ଜୟନ୍ତୀରେ ଜୟଗାନ ଓ ଶ୍ରାଦ୍ଧରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏକ କୃତଜ୍ଞୀୟ କର୍ତ୍ତବ୍ୟ। ଇହଲୀଳା ସମ୍ବରଣ କରିବା କିଛି ମୁହୂର୍ତ୍ତ ପୂର୍ବରୁ ତାଙ୍କ ଶଯ୍ୟା ନିକଟରେ ଉପସ୍ଥିତ ଥିବା ପଣ୍ଡିତ ନୀଳକଣ୍ଠ ତାଙ୍କୁ ପଚାରିଥିଲେ 'ଓଡ଼ିଶାବାସୀ ଙ୍କ ପାଇଁ ତାଙ୍କର କିଛି କହିବାର ଅଛି କି ?' ମଧୁ ବାବୁ କ୍ଷୀଣ ସ୍ୱରରେ କହିଥିଲେ 'ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିବେ। ମୁଁ ତ ଯାଉଛି, ମନେ ରଖିଥିବ ଜଣେ 'ଓଡ଼ିଆ ଥିଲା'। ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ମଧୁସୂଦନ ଦାସଙ୍କୁ ଲକ୍ଷ୍ୟ କରି ଯଥାର୍ଥରେ ଫକୀର ମୋହନ ଲେଖିଥିଲେ - ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ, ଉତ୍କଳ ମାତାର ଯୋଗ୍ୟ ସନ୍ତାନ, ଦେଲ ଉତ୍କଳିୟ ଙ୍କୁ ନବ ଜୀବନ, ଶିଖାଇଲ ଲୋକେ ଜାତି ବନ୍ଦନ। ଓଡ଼ିଆ ଜାତିର ଗର୍ବ, ଗୌରବ, ସ୍ୱାଭିମାନର ପ୍ରତୀକ, ଜାତୀୟ ଜାଗରଣର ପ୍ରତିବଦ୍ଧତାଧର୍ମୀ ମହାନାୟକ, ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ, ଯଥା - ପ୍ରଥମ ସ୍ନାତକ, ପ୍ରଥମ ସ୍ନାତକୋତ୍ତର, ପ୍ରଥମ ସ୍ୱୀକୃତିପ୍ରାପ୍ତ ଅଧିବକ୍ତା, ପ୍ରଥମ ବିଲାତ ଯାତ୍ରୀ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଦସ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ, ଏପରିକି ପ୍ରଥମ ଭାରତୀୟ ସ୍ୱେଚ୍ଛାକୃତ ମନ୍ତ୍ରୀତ୍ୱରୁ ଇସ୍ତଫା ପ୍ରଦାତା, ଶିଳ୍ପ ଉଦ୍ୟୋଗୀ ଭଳି ବହୁ କ୍ଷେତ୍ରରେ ସର୍ବକାଳୀନ ଆଦର୍ଶ, ଯାହାଙ୍କର ଜୀବନାଲେଖ୍ୟର ଦିନ ପଞ୍ଜିକା ହିଁ ଓଡ଼ିଶାର ଇତିହାସ, ପିଢ଼ି ପରେ ପିଢ଼ି ପ୍ରତି ଓଡ଼ିଆଙ୍କ ଚିର ବନ୍ଦନୀୟ, ପ୍ରାତଃ ସ୍ମରଣୀୟ, ଉତ୍କଳ ଗୌରବ ବାରିଷ୍ଟର୍ ମଧୁସୂଦନ ଦାସ।

ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ ରେ ଜନ୍ମଗ୍ରହଣ କରିଥିଲେ। ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ ପୁଅ ମଧୁସୂଦନଙ୍କ ପ୍ରଥମ ନାମ ଥିଲା ଚୌଧୁରୀ ଗୋବିନ୍ଦ ବଲ୍ଲଭ ଦାସ। ପରେ ତାଙ୍କ ବାପା, ମାଆ ତାଙ୍କ ନାମକୁ ବଦଳାଇ ମଧୁସୂଦନ ରଖିଥିଲେ। ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ। ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ। ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ ଯାହାକୁ ଆଜି ଦିନରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି। ଏହା ପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ। କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ। ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀ ମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା। ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବା ପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ। ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ। କଲିକତାରେ ଅମ୍ବିକା ପ୍ରସାଦ ହାଜିରା ନାମକ ବଙ୍ଗୀୟ ଖ୍ରୀଷ୍ଟିୟାନ ପାଦ୍ରୀଙ୍କ ସହିତ ସେ ପରିଚିତ ହେଲେ। ଅମ୍ବିକା ପ୍ରସାଦ ମଧୁସୂଦନଙ୍କର ଉଚ୍ଚଶିକ୍ଷାପ୍ରତି ଆଗ୍ରହ ଦେଖି ତାଙ୍କୁ ଏ ଦିଗରେ ସାହାଯ୍ୟ କଲେ। ସେଠାରେ ମଧୁବାବୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ କଲାପରେ କଲିକତାରେ ଏକ ସ୍କୁଲରେ ଶିକ୍ଷକତା କଲେ। ତତ୍କାଳିନ କଲିକତାରେ କଲେଜ ପାଠ ପଢ଼ିବା ନିମନ୍ତେ ଏଣ୍ଟ୍ରାନ୍ସ ପରୀକ୍ଷା ପାସ କରିବା ଦରକାର ପଡୁଥିଲା। ଏଣ୍ଟ୍ରାନ୍ସ ପରୀକ୍ଷା ନିମନ୍ତେ ଏକ ଛାତ୍ର ସହାୟକ ପୁସ୍ତକ 'ମଡେଲ କୋଶ୍ଚିନ୍ସ' ରଚନା କରିଥିଲେ। ଗଣିତ ଓ ଭୂଗୋଳରେ ତାଙ୍କର ଭଲ ଦଖଲ ଥିଲା। ନିଜର ଗୁଣ ଓ କର୍ମନିଷ୍ଠା ବଳରେ ସେ କଲିକତାର ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ। ଛାତ୍ର ଛାତ୍ରୀମାନଙ୍କର ଅତି ପ୍ରିୟ ମଧୁବାବୁ ଇତି ମଧ୍ୟରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ କରି ସାରିଥିଲେ। ସେ ସମୟରେ ନିଜ ପେଟପାଟଣା ପାଇଁ ଅନେକ ଓଡ଼ିଆ କଲିକତାରେ ଚାକିରି କରୁଥିଲେ। ସେମାନଙ୍କର ଶିକ୍ଷାଗତ ଉନ୍ନତି ପାଇଁ ମଧୁବାବୁ କଲିକତାରେ ନୈଶ ବିଦ୍ୟାଳୟ ସ୍ଥାପନା କରାଇଥିଲେ। ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ। ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ। ଓକିଲ ମହଲରେ ପ୍ରଥମେ ତାଙ୍କୁ ଅନେକ ପରିହାସର ସାମନା କରିବାକୁ ହୋଇଥିଲେ। କିନ୍ତୁ ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା, କେନ୍ଦୁଝରା ରାଜାଙ୍କ ମୋକଦ୍ଦମା, ଶ୍ରୀମନ୍ଦିର ପରିଚାଳନା ବିବାଦ ଭଳି କେତେକ ଜଟିଳ ମୋକଦ୍ଦମାରେ ନିଜର ଦକ୍ଷତାର ପରିଚୟ ଦେଇ ସେ ନିଜକୁ କଟକ ଓକିଲମାନଙ୍କ ଭିତରେ ଶ୍ରେଷ୍ଠ ପ୍ରମାଣିତ କରି ପାରିଥିଲେ।

ଉତ୍କଳର ଗଜପତି ଦିବ୍ୟସିଂହ ଦେବ, ସାଧୁ ଶିବାଦାସଙ୍କ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ହୋଇ ନିର୍ବାସନ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ତାଙ୍କ ପୁତ୍ର ଜଗନ୍ନାଥ ଜେନାମଣି ଯିଏ ପରେ ମୁକୁନ୍ଦ ଦେବ ଭାବେ ପରିଚିତ ନାବାଳକ ଥିବାରୁ ମନ୍ଦିର ପରିଚାଳନାରେ ତୃଟି ଦର୍ଶାଇ, ମନ୍ଦିରର ବଂଶାନୁକ୍ରମିକ ପରିଚାଳନା ଭାର କାଢି ନେବା ନିମନ୍ତେ ଏକ ଦେବାନୀ ମୋକଦ୍ଦମା ଦାଏର କରିଥିଲେ। ମଧୁବାବୁ ଜଗନ୍ନାଥ ଜେନାମଣିଙ୍କ ମାତାମହୀ ସୂର୍ଯ୍ୟମଣୀ ପାଟ ମହାଦେଇଙ୍କ ତରଫରୁ ପ୍ରତିବାଦୀ ଭାବରେ, ବ୍ରିଟିଶ ସରକାର ଧର୍ମରେ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ମୋକଦ୍ଦମା ଲଢ଼ି ଜୟ ଲାଭ କରିଥିଲେ। ସେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ମଧ ଏହି ମୋକଦ୍ଦମାଟି ବିନା ପାରିଶ୍ରମିକରେ ଲଢ଼ିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ। ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା। ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ। ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

କଟକର ସୁନାରୂପାର ତାରକସି କାମ ପାଇଁ ମଧୁସୂଦନ ଦାସ ନିଜ ବାସଘରେ ଏକ କର୍ମଶାଳାର ଆୟୋଜନ କରି କାରିଗରମାନଙ୍କୁ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରାଇଥିଲେ। ଏଥି ସହିତ ସୁନା, ରୂପା ଓ ଅନ୍ୟାନ୍ୟ କଞ୍ଚାମାଲ କିଣିବା ଲାଗି ସେ କାରିଗରମାନଙ୍କୁ ପଇସା ମଧ ଦେଉଥିଲେ। ବିକ୍ରି ହେଉ କି ନ ହେଉ ସେମାନଙ୍କ କାମ ନିମନ୍ତେ ସେ ଦୈନିକ ବେତନ ଦେଉଥିଲେ। ଲଣ୍ଡନ ଯାଇଥିବା ବେଳେ ସେ ସେଠାରେ ଏହିସବୁ କାମର ଏକ ପ୍ରଦର୍ଶନୀର ଆୟୋଜନ କରିଥିଲେ। କଟକରେ ସେ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ଖରାପ ହୋଇଯାଉଥିବା ଜୋତାଗୁଡ଼ିକୁ ବଜାରକୁ ନ ଛାଡ଼ି ତାକୁ ପୋଡ଼ି ପକାଉଥିଲେ । ଏହା ଫଳରେ ଉତ୍କଳ ଟ୍ୟାନେରୀ ବହୁ କ୍ଷତି ସହିଥିଲା । ଜଣେ ଲେଖକ ଓ କବି ଭାବରେ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି। ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି। ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା'। ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ସାରାଜୀବନ ସଂଗ୍ରାମ କରିଥିଲେ। ତାଙ୍କର ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଭାଷା ଭିତ୍ତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ସମ୍ଭବ ହୋଇଥିଲା। ୧୯୩୪ ମସିହା ଫବୃୟାରୀ ମାସ ୪ ତାରିଖରେ ସେ ମୃତ୍ୟୁବରଣ କରିଥିଲେ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

# ସରକାରଙ୍କ ପାଖରେ ଧାନ, ମୀନ, ପାନର ଜିଲ୍ଲା କାହିଁକି ଅଲୋଡ଼ା ?



**ସୁବ୍ରତ କର**

ଏକ ସମୟରେ ଆମ ଜିଲ୍ଲା (ବାଲେଶ୍ୱର) ଧାନ, ମୀନ ଏବଂ ପାନର ଜିଲ୍ଲା ଭାବରେ ଖ୍ୟାତି ଅର୍ଜନ କରିଥିଲା। ଏହାକୁ ଜିଲ୍ଲାବାସୀ ଏବଂ ଏବେକାର ସରକାର ନିଶ୍ଚିତ ଭାବରେ ଭୁଲି ଯାଇଛନ୍ତି । ୨୦୦୦ ମସିହାହ ବେଳକୁ ଜାନକୀ ବାବୁଙ୍କ ସରକାର ଥିଲାବେଳେ ସେ ନାରା ଦେଇଥିଲେ ହଜାରେ ଦିନରେ ହଜାରେ ଶିଳ୍ପ । କାର୍ଯ୍ୟ ମଧ ହୋଇଥିଲା । ସେ ସମୟରେ ସବୁ ଜିଲ୍ଲାରେ ଶିଳ୍ପାଞ୍ଚଳ ପଡ଼ି ରହିଥିଲା ଏବଂ ବିଶେଷ ଭାବରେ ବାଲେଶ୍ୱର ଠାରେ ବେଶ କିଛି ବଡ଼ ବଡ଼ ଶିଳ୍ପ ବା କଳକାରଖାନା ସ୍ଥାପନ ହୋଇପାରିଥିଲା। ତନ୍ମଧ୍ୟରୁ ବିରଲା, ଇମାମି, ବାଲେଶ୍ୱର ଏହୱଜ ପୋଲାର ହୋଟେଲ୍ସ, ଜି.ଜି.ଏଲ. ଏମ୍ପରି ଅନେକ ନାମିଦାବି କାରଖାନା ସ୍ଥାପନ ହୋଇଥିଲା। ସେତେବେଳେ ଶିଳ୍ପାଞ୍ଚଳ ବହୁତ ଚଳଚଞ୍ଚଳ ଥିଲା । ଏହାଛଡ଼ା ସବୁଠୁ ପୁରୁଣା ଅରିପ୍ଲାଷ୍ଟ ଏବେ ବି ଅତି ଗର୍ବର ସହିତ ମୁଣ୍ଡ ଟେକି ଚାଲିଛି । ସମସ୍ତେ ଭାବିଥିଲେ ବାଲେଶ୍ୱର ହୁଏତ ରାଉରକେଲା, କଟକ ପରେ ଶିଳ୍ପ କ୍ଷେତ୍ରରେ ଆଗେଇ ଯିବ ଏବଂ ଧାନ, ମିନ, ପାନ ସହିତ ନାମିଦାମୀ କଳକାରଖାନା ଗଢ଼ି ଉଠିଲେ ବାଲେଶ୍ୱର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ ହେବ । ବେଶ୍ କିଛି ବର୍ଷ ସୁରଖୁରୁରେ ଚାଲିଥିଲେ ମଧ ଏବେ ଧୀରେ ଧୀରେ ଏହି ଜିଲ୍ଲା ଶିଳ୍ପ ଶୂନ୍ୟ ହେବାକୁ ବସିଛି କାରଣ ସବୁ ବଡ଼ ବଡ଼ କାରଖାନା ପ୍ରାୟ ବନ୍ଦ ବା ନାମକୁ ମାତ୍ର ଚାଲିଛି । ଏହା ପରେ ଯେଉଁ ସରକାର ୨୪ ବର୍ଷ କ୍ଷମତାରେ ରହିଲେ ଗୋଟାଏ ନାମି ଦାମୀ ଶିଳ୍ପ ବାଲେଶ୍ୱରକୁ ନଆଣି ପାରିଲେ ନାହିଁ । ଏପରିକି ଏହି ଜିଲ୍ଲା ଶିକ୍ଷା କ୍ଷେତ୍ରରେ ସାରା ରାଜ୍ୟରେ ଆଗୁଆ କିନ୍ତୁ କୌଣସି ଗୋଟାଏ ଶିକ୍ଷା କ୍ଷେତ୍ରରେ ମଧ ବଡ଼ ଅନୁଷ୍ଠାନ ଆସି ପାରିଲା ନାହିଁ । ପରେ ପରେ ଯେଉଁ ଦୁଇଟି ବଡ଼ ଅନୁଷ୍ଠାନ ହୋଇ ପାରିଛି ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଏବଂ ଫକୀର ମୋହନ ମେଡିକାଲ କଲେଜ ଏବଂ ଶେଷରେ ଏମସ୍ ସେଟେଲାଇଟ୍ ଡାକ୍ତରଖାନା ସବୁ କିଛି ବାଲେଶ୍ୱର ବାସିଙ୍କ ପ୍ରଚେଷ୍ଟାରେତ ଏବଂ ସେମାନେ ସରକାରଙ୍କ ସହିତ ରିତିମତ ଲଢ଼ିକରି ଆଣିଛନ୍ତି । ଏହା ପରେ ନିଶ୍ଚିତ ଭାବରେ କେତେ ଗୁଡ଼ାଏ ଚିଙ୍ଗୁଡ଼ି ପ୍ରକ୍ରିୟା କେନ୍ଦ୍ର ହୋଇ ପାରିଛି ସେ ମଧ ଏଠିକାର ଛୋଟ ବଡ଼ ଶିଳ୍ପପତିଙ୍କ ସାହାଯ୍ୟରେ । ବାଲେଶ୍ୱର ମତ୍ସ୍ୟଚାଷରେ ବିଶେଷ ଭାବରେ ଅଗ୍ରଣୀ ଜିଲ୍ଲା କିନ୍ତୁ ଦୁଃଖର କଥା ଗୋଟାଏ ହେଲେ ମତ୍ସ୍ୟ ଗବେଷଣା କେନ୍ଦ୍ର ହୋଇ ପାରିଲା ନାହିଁ । ଏବେ ଏବେ ବାଲେଶ୍ୱର ବାସିନ୍ଦା ଲାଗିଛନ୍ତି ଏକ କୃଷି ବିଦ୍ୟାଳୟ ପାଇଁ । ପୁଣି ଦୁଃଖର କଥା ଏହି ଅନୁଷ୍ଠାନଟି ମୁଖ୍ୟମନ୍ତ୍ରୀ ବରବଡ଼ ଜିଲ୍ଲା ଗସ୍ତ ସମୟରେ ସେହିଠାରେ ହବ ବୋଲି କହିଛନ୍ତି । ଏବେ ଏବେ ଆୟୁର୍ବେଦିକ କଲେଜ ମୟୂରଭଞ୍ଜ ଦେଲେ। ଭଦ୍ରକଠାରେ ଗୋଟାଏ ମେଡିକାଲ କଲେଜ । ସବୁ ଠିକ୍ ଅଛି ସେସବୁ ଜିଲ୍ଲା ପାଇବା ଦରକାର କିନ୍ତୁ ତେବେ ବାଲେଶ୍ୱର ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ରଖିଛନ୍ତି କଣ ? ଗୋଟାଏ ବର୍ଷ ପାରେଇବାକୁ ଗଲା ଥରେ ମଧ ସରକାରୀ କାର୍ଯ୍ୟ କ୍ରମରେ ଆସିଲେ ନାହିଁ । ଠିକ୍ କଥା ସେ ତିନିଥର ଆସିଛନ୍ତି ବେସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ । ବାଲେଶ୍ୱରବାସୀ ଅପେକ୍ଷା କରି ରହିବେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଆସି ବାଲେଶ୍ୱରବାସୀଙ୍କ ପାଇଁ କଣ ଭେଟି ନେଇ ଆସିବେ ।

## କବିତା କୋଣାର୍କ

### ପହେଲାଗାର ନିରବତା

**ସଂଜୀବ କୁମାର ଶତପଥୀ**



ଏ ନିରବ ଆଜିର ନୁହଁ
ଏ ନିରବ ଭାବନାର ନୁହଁ
ଏ ନିରବ ଗୋଟିଏ ମା'ର ନୁହଁ
ଏ ନିରବ କୋଟିଏ ମା'
ହରେଇଥିବା ନିଜ ଛୁଆର ଲୁହ
ଏ ନିରବ ମଥାର ସିନ୍ଦୁରରୁ
ପୋଛିନେଇଥିବା ରକତ ର ଟୋପା
ଏ ନିରବ ସ୍ୱୀଠାରୁ ଛଡେଇ
ନେଇଥିବା
ଶଙ୍ଖା ସିନ୍ଦୁର ପ୍ରୀତି ମମତାର
ଏ ନିରବ କୋଟି କୋଟି
ଭାରତୀୟଙ୍କ ଆଖିରେ
ଝଲସି ଉଠୁଥିବା ପ୍ରତିଶୋଧର
ଏ ନିରବ ରକତର ହୋଲିରେ
ଅବିର ଖେଳିବାର
ଏ ନିରବ ଜଳେଇ ଦେଲା
ପ୍ରତିଶୋଧର ବହ୍ନି
ଭାଇଚାରାର ଦୁଶମନ ସହ ଖେଳିବାର
ଏ ନିରବତା ଡାକରା ଦିଏ
ଏ ହିନ୍ଦୁର ଦେଶ ଏଠି କୃଷ୍ଣ ରାମଙ୍କ
ରାଜ ଚାଲେ
ଏଠି ରାବଣ କଂସକୁ ବଳିଦାନ
ଦେବାକୁ ପଡେ
ଏଠି ନାରୀ ଦୁର୍ଗା ସୀତା
ରାନୀ ଲକ୍ଷ୍ମୀ ବାଇ
ସାଜିପାରେ ଧରିପାରେ
ବାରହାତ ଖଣ୍ଡା
ନିରବତାର ଅନେକ ପ୍ରଶ୍ନ ଏଠି
ଏ ମାଟି ଆଜି ମାଗୁଛି ରକ୍ତ
ବଳିଦାନ ଏ ମା'କୁ ଆଜି
ରଣ ସୁଜିବାର ସମୟ ଆସିଛି
ଏ ମା'ଆଜି ମାଗୁଛି ରକତ
ଯେଉଁ ରକତ ସେ ପିଆଇଥିଲା
ତାର ଦୁଇଟି ସ୍ତନରୁ ଅମୃତର ଝର
ଏବେ ଏ ଭାରତ ମା'ର ଚିତ୍କାର
ଆଉ ନିରବ ହୁଅ ନାହିଁ
ଉଠାଅ ଲାଠି ଖଣ୍ଡା ତଲ୍ୱାର
ଜଲ୍ଲାଦକୁ ଶିଖେଇ ଦିଅ
ଶାନ୍ତିର ଦେଶ ବି ଖେଳି ପାରେ
ରକତର ପିଚିକାରୀ
ତାଙ୍କ କଟା ମୁଣ୍ଡଙ୍କୁ ବଳି ଦିଅ ନିଜ
ଦେବତା ପାଖରେ
ପିଇ ଯାଅ ସବୁତକ ରୁଧିର
ଏ ନିରବତାରେ ଜଳାଅ ନାହିଁ
ମହମ ବତୀର ଶୋଭାଯାତ୍ରା
ଏବେ ଆଲୋଚନାର ସମୟ ନାହିଁ
ଏବେ କିଛି କରିବାର ସମୟ ଆସିଛି
ଉଠ ପହେଲାଗାମ ଡାକୁଛି
ଉଠ ଭାରତ ମାତା ଡାକୁଛି
ଉଠ ଏ ନିରବତାର ଲୁହ ଡାକୁଛି
ଯେଉଁ ଦିନ ଜହ୍ଲାଦର ଯୁଇ ଜଳିବ
ସେଦିନ ଶାନ୍ତି ହେବ
ଆତ୍ମା ନିରବ ନିରବରେ
ଜୟ ହିନ୍ଦ, ହିନ୍ଦୁସ୍ଥାନ ଜିନ୍ଦାବାଦ

କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
ମୋ: ୮୪୫୫୦୪୧୪୦୭

### ଓଡ଼ିଆଙ୍କ ପ୍ରିୟ ସୁତ

**ତୃପ୍ତିରାଣୀ ପାତ୍ର**



ଉତ୍କଳ ଭୁବନେ ବିକାଶେ ହରଷେ
ସୁମରି ସେ ଜୟଗାଥା
ଅଶ୍ରୁଳ ଅଞ୍ଜନେ ପ୍ରୀତିର ପରଶେ
ହୃଦୟେ ରଖିଣ ବ୍ୟଥା ।
ପ୍ରାଣପ୍ରିୟ ସୁତ ରହିଛ ନୀରବେ
ଦିବ୍ୟ ମଣିଷ ଯେ ତୁମ୍ଭେ
ସ୍ୱତନ୍ତ୍ର ପ୍ରଦେଶ ଲଭିଥିଲା ଯେବେ
ନଥିଲ ତୁମ୍ଭେ ଏ ଭବେ ।
ସମ୍ମିଳନୀ ଗଢ଼ି କଷ୍ଟଦୁଃଖ ସହି
ସ୍ୱତନ୍ତ୍ର ପ୍ରଦେଶ ପାଇଁ
କେତେ ଲହୁଲୁହ ଯାଇଥିଲା ବହି
ତାହାର କଳନା ନାହିଁ ।
ଓଡ଼ିଆର ଗର୍ବ ଗଉରବ ମାନ
ମାଟିର ଶ୍ରେଷ୍ଠ ପୁରୁଷ
ସାକାର କରିଲ ଓଡ଼ିଆଙ୍କ ସ୍ୱପ୍ନ
ଧାଉଁଅଛି ପଥେ ଯଶ ।
ସହି ନାନା କ୍ଳେଶ ଯାତନା ଅଶେଷ
ପଛକୁ ହଟି ନଥିଲ
ଐତିହ୍ୟରେ ଭରା ରାଇଜଟା ସାରା
କିଏ ଦେବ ତା'ର ମୂଲ ।
ଜୀବନ ସଂଗ୍ରାମେ ଝୁଣ୍ଟି ପଡ଼ିନାହଁ
ସାକ୍ଷୀ ଆଜି ଇତିହାସ
ବୀର ମରେ ଅବା ମାରେ କରି ରଣ
ଅଭାବେ ନୋହିଛ ତ୍ରାସ ।
ବୀର ପ୍ରସବିନୀ ଉତ୍କଳ ଜନନୀ
କଳା ସ୍ଥାପତ୍ୟେ ଅଗ୍ରଣି
ଜୀବନ ଯୁଦ୍ଧରେ ମହାନ ସଂଗ୍ରାମୀ
ସତ୍ୟସିଦ୍ଧ ସ୍ୱାଭିମାନୀ ।
ଶିଖାଇଛ ସତ ଦେଖାଇଛ ପଥ
କୁଟୀର ଶିଳ୍ପର କାର୍ଯ୍ୟ
ନିରଳସ ଜୀବନରେ ଦିବ୍ୟସ୍ରୋତ
ଅସୀମ ସାହସ ଧୈର୍ଯ୍ୟ ।
କିଏ ହେବ ତୁମ ସମ ହେ ସୂଦନ
ତୁମେ ଓଡ଼ିଆଙ୍କ ପ୍ରିୟ
ଶିଳ୍ପ କାରଖାନା ସୂଚାରୁ ସମ୍ପନ୍ନ
ନଥିଲା ହୃଦୟେ ଭୟ ।
ଆମ ରାଇଜରୁ ଲୁଟି ନେଉଛନ୍ତି
ଧନରତ୍ନ ସନମାନ
ଆଜିର ଓଡ଼ିଆ ବନ୍ଧା ପଡୁଛନ୍ତି
ହରାଇଣ ସ୍ୱାଭିମାନ ।
ଅନ୍ୟାୟ ଅନୀତି ଦୁଷ୍କର୍ମ ଦୁର୍ନୀତି
ଆଶ୍ରୟ ନେଇଛି ରାଜ୍ୟେ
ଦୟା କ୍ଷମା ପ୍ରେମ ସେବାର ସୁପ୍ରୀତି
ଅସ୍ମିତା ଲୁହରେ ଭିଜେ ।
ଯୋଗ୍ୟ ଅଯୋଗ୍ୟ ସଙ୍ଘର୍ଷ ନାରାରେ
ଓଡ଼ିଆଙ୍କ ମତି ଗତି
ସେଦିନର ସେହି ସାହିତ୍ୟିକ ନରେ
ଆଣିଥିଲେ ଯେ ପ୍ରଗତି ।
ଫକୀରମୋହନ ଗୋପବନ୍ଧୁ ମଧୁ
ଗଙ୍ଗାଧର ଭାଷା ଶକ୍ତି
ଲେଖନୀ ମୁନରେ ଚେତନା
ଯୋଗାଇ
ଦେଉଥିଲେ ଶ୍ରଦ୍ଧା ନିତି ।
ତୁମ ସମ ଯୋଦ୍ଧା ବୁଦ୍ଧିଜ୍ଞାନେ ବନ୍ଧା
ନାହିଁ ଐର ଖାରବେଳ
ବକ୍ସି ଜଗବନ୍ଧୁ ବୀର ଗଜପତି
ଏ ମାଟି ମାଆ ସମ୍ବଳ ।
ଢାଳିଦିଅ ତବ ପ୍ରେମର ଦୀପାଳୀ
ପ୍ରତି ଓଡ଼ିଆଙ୍କ ପ୍ରାଣେ
ଶାନ୍ତିର ଦୁନ୍ଦୁଭି ପ୍ରାଣେ ଉଠୁ ବାଜି
ହଜି ନଯାଉ ହେ କ୍ଷଣେ ।
ପବିତ୍ର ଦିବସେ ଘେନ ଶ୍ରଦ୍ଧାଞ୍ଜଳି
ହେ ପ୍ରିୟ ଉତ୍କଳ ବୀର
ତୁମ୍ଭ ପ୍ରତି ଭକ୍ତି ପଡୁଛି ଉଚ୍ଛୁଳି
ଓଡ଼ିଆଙ୍କ ପ୍ରୀତି ସୁର ।
ଓଡ଼ିଆ ମାଟିର ପ୍ରାଣପ୍ରିୟ ସୁତ
ଅସୀମ ତୁମ୍ଭର କୀର୍ତ୍ତି
ଓଡ଼ିଆଙ୍କ ପ୍ରାଣ ଝୁରୁଛି ଝୁରିବ
ସସୀମ ମହତ ରଖି ।

ସହଦେବଖୁଣ୍ଟା, ବାଲେଶ୍ୱର

# ଅନ୍ଧ ଆଇନ

ପ୍ରଫୁଲ୍ଲ ବାରିକ



ରାତି ପାହୁପାହୁ ପହଲି ଦାଣ୍ଡରେ ମୁହଁ ନଥିବା ଭିଡ଼ । ଗୋଟା ଗାଁ'ର ଲୋକଙ୍କ ମେଳା ଯିମିତି । ବୁଢ଼ାଠୁ ଟୋକା, ଇମିତିକି ବୟସ୍କା ବୃଦ୍ଧାମାନେବି । ଯେତିକି ଦାଣ୍ଡରେ, ସେତିକି ପହଲି ବାଡ଼ିରେ । ଗତ ପାଞ୍ଚ ପୁରୁଷରୁ ନଘଟିଥିବା ଘଟଣା ଘଟିଛି ଯେତେବେଳେ, ଉତ୍କଣ୍ଠା ଅନୁସନ୍ଧିତ୍ସା ସଭିଙ୍କ ମନରେ । ରହିବା ସ୍ୱାଭାବିକ । ଖବର ଖେଳିଗଲାଣି ଗାଁ ଡେଇଁ ପଂଚାୟତ । ପାଖ ଗାଁ'ରୁ ଲୋକ କେଇଜଣ ଆସିଲେଣି ଖବରର ସତ୍ୟାସତ ଜାଣିବାକୁ ।

ପହଲିର ବିବାହିତା ଝିଅ ମାନୁ ଫାସି ଦେଇଦେଇଚି ତା ବାଡ଼ି ତେନ୍ତୁଳି ଗଛରେ । ବିଭାଘର ବର୍ଷଟେ ପୂରିନି । ଆସିଥିଲା ଏଇ କେଇଦିନ ହେବ । କ'ଣ ହେଲା କିଜାଣି, ଫାସି ଦେଇଦେଲା । ଘଟଣା ଘଟିଛି ଭୋରୁ ଭୋରୁ । ତା ମାଆ ବାଡ଼ିକୁ ନଯାଏ, ନଦେଖେ । ଭଗବାନ ତା ଆଖିକୁ ଟାଣିନେଲେ ଝିଅ ଉପରକୁ । ଦେଖୁଦେଖୁ ହାଉଳି ଖାଇ ଚିଲ୍ଲେଇଲା ଇମିତିଯେ ଯିଏ ଯିମିତି ଉଠିଥିଲେ, ଶୁଣି ଅତରଛା ଧାଇଁଲେ । ମାନୁ ନଥିଲା ଜୀବନରେ । ଜିଭ କାମୁଡ଼ିପକେଇ ଓହଳିଥିଲା ତେନ୍ତୁଳି ଡ଼ାଳରେ ।

ସାହାସି ଟୋକା କେଇଜଣ ଦୌଡ଼ିକାଟି ଓହ୍ଲେଇଲେ ମାନୁକୁ ତଳକୁ । ଶୁଆଇଦେଲେ ମାଟିରେ । ମାନୁର ଦେହଟା ଚିତକାତ ପଡିରହିଲା । ଦେଖିଲେ ଲାଗୁନି ମରିଚି ବୋଲି । ସୁନ୍ଦର ସ୍ୱାସ୍ଥବତୀ । ଝିଅବେଳର ଚେହେରାରେ ବାହାଘର ପରେ ଆସିଚି ଘୋର ପରିବର୍ତ୍ତନ । ପାଚିଲା ଆମ୍ବପରି ଗୋରା ତକତକ । ଶରୀରରେ ଗହଣା ସିମିତି ଅଛି । ମଥାରେ ସିନ୍ଦୁର । ହାତରେ ଚୁଡ଼ି । ପିନ୍ଧିଚି ନାଲି ଛିଟଶାଢ଼ୀ । ଠିକ ଷୋଳଅଣା ବହୁଟିଏ । ଅନେଇଲେ ଆଖି ଫେରୁନି । କାଇଁକି ହତଭାଗିନୀ ଜୀବନ ହାରିଲା କଞ୍ଚା ବୟସରୁ, ଭଗବାନ ଜାଣେ । ସମସ୍ତଙ୍କ ମୁହଁରେ ଆହା ଚୁ ଚୁ ।

ମାନୁର ମାଆ ଆଚେତପ୍ରାୟ ମାଟିଅଣ୍ଡାଳି ଗଡୁଛି ଦାଣ୍ଡରେ । ପହଲି ବସିଛି ପିଣ୍ଡାରେ ମୂକପ୍ରାୟ । ଯିମିତି ନିର୍ଜୀବ ପିତୁଳା ।

ନରି ସାଆନ୍ତେ କହିଲେ ଯାହାତ ହେବାର ହେଲା । ଆଉ କ'ଣ ଫେରିବ ସିଏ ? ଘଟଣା ଅନ୍ୟ ପ୍ରକାର । ଯେତେଶୀଘ୍ର ସତ୍କାର କରିବାର ବ୍ୟବସ୍ଥା କର । ନାଇଁତ ବିପଦ । ଟୋକାଟିଏ କହିଲା, ଦେଖ, କେସ ଆଉ ନାହିଁ ଗାଁ'ରେ । ଚରିଗଲାଣି ଗୋଟାଅଞ୍ଚଳ । ବିନା ପୋଲିସ ଜ୍ଞାନ୍ତରେ କରିଦେଲେ ସତ୍କାର ବନ୍ଧାହେବା ଗାଁ ଗୋଟା । ବୁଝି ବିଚାରି କାମ କର । ସାଆନ୍ତେ ଶୁଣି କଥାଟାକୁ ଗୁରୁତ୍ୱ ଦେଲେ । ସମସ୍ତେ ଥ'ହେଇ ଅନେଇ ରହିଲେ ପରବର୍ତ୍ତୀ କାର୍ଯ୍ୟକ୍ରମର ଧାରା ଶୁଣିବାକୁ ।

ଏହା ଭିତରେ ପାଖାପାଖି ହେଇ ସାରିଥିଲା ଆଠଟା । ଖବର ଆଉ ନଥିଲା ହାତ ମୁଠାରେ । ପାଣିରେ କାଳିପରି ଖେଳି ସାରିଥିଲା ଖଣ୍ଡମଣ୍ଡଳ । ଦାଣ୍ଡରେ ଆସି ଠିଆହେଲା ପୋଲିସ ଗାଡ଼ି । ଗାଡିରୁ ଓହ୍ଲେଇଲେ ଥାନାବାବୁ ଏବଂ ତାଙ୍କସହ କନେଷ୍ଟବଳ ଦିଜଣ । ଶବ ବରାମଦ କରୁକରୁ ପହଁଚିଲେ ମାନୁର ଶଶୁରଘର ଲୋକ । ଗାଁ ଲୋକ ଡରିଗଲେ । ଡରି ଦୁରେଇ ଠିଆହେଲେ କାକୁସ୍ତ ହେଇ । ଶବକୁ କନେଷ୍ଟବଳ ଜଗେଇ ଥାନାବାବୁ ପହଲିକୁ ପଚାରିଲେ, ଝିଅ କିମିତି ମଲା ? ପହଲି ଥରିଥରି କହିଲା, ଫାସିଦେଇ ।

---- ଫାସିଦେଇ, ନା ତାକୁ ମାରିଦେଇଛ ? ମାରି ଟାଙ୍ଗିଦେଇଛ ?

ପହଲି ଚମକିପଡି ଲୁହ ଡବଡବ ଆଖିରେ ଅନେଇଲା ପୋଲିସଙ୍କୁ । ନିରୁତ୍ତର ବସିଲା ପୁଣି ପୂର୍ବବତ ତଳକୁ ଅନେଇ ।

ପୋଲିସ ଚଢ଼ା ଗଳାରେ କହିଲେ, ଯାହା କହିଲି ଉତ୍ତର ଦିଅ । ତମେ ଝିଅକୁ ମାରି ଦେଇଛ । ତା ଶଶୁର ଏଫ ଆଇ ଆର ଦେଇଛନ୍ତି ମାରି ଦେଇଛ ତାଙ୍କ ବୋହୁକୁ ବୋଲି । କିଛି କହିବାର ଅଛି ତମର ?

ପହଲି କହିଲା, କୋଉ ବାପା ମାରିପାରେ ନିଜ ହାତରେ ତା ଜନ୍ମିତ ଝିଅକୁ ?

--- ତେବେ କାଇଁକି ଦେଲା ସେ ଫାସି ? କିଛି ପାଟି ତୁଣ୍ଡ, ଝଗଡା ଝାଟି ?

--- କିଛି ନାଇଁ ଆଜ୍ଞା । ଗୋଟିଏ ମାତ୍ର ପିଲା ସିଏ ଆମର । କାହା ସହ କରିବୁ ଝଗଡା ? ବଢ଼େଇଥିଲୁ ଫୁଲ ଡେଙ୍ଫରେ । ହାତଭାଗିନୀ କାଇଁକି କଲା ଏ କର୍ମ ଆମେବି ଜାଣିପାରୁନୁ । ପୋଲିସ କହିଲେ, ସତକୁହ ଖୋଲିକି । କିଛି ଲୁଚେଇବ ନାଇଁ । କ'ଣ ହେଇଥିଲା ?

ପହଲି ହାତଯୋଡି କହିଲା, ସପ୍ତାହ ତଳେ ଝିଅ ଆସିଥିଲା । ବୁଲିବାକୁ ନୁହେଁ । ଲକ୍ଷେ ଟଙ୍କା ନେବାକୁ ପଠେଇଥିଲେ ତା ଶଶୁର । ଆଜ୍ଞା, ବାହାଘରକୁ ହେଇଥିବା କରଜ ଏବେବି ଅସୁଝା ମୋର । ଝିଅ ପାଖରୁ ତା ଉପରେ ହେଉଥିବା ନିର୍ଯାତନା ଶୁଣି ଆମର ହଂସା ଉଡ଼ିଗଲା । ଲକ୍ଷେ ଟଙ୍କା ନଦେଲେ ସେ ସବୁଦିନ ପାଇଁ ରହିବ ବାପଘରେ ବୋଲି ଶଶୁର ଶୁଣେଇ ଦେଇଛନ୍ତି ବୋଲି କହି ଆସିଲା ଦିନରୁ କାନ୍ଦୁଥିଲା । ତାକୁ ଆମେ ସାନ୍ତ୍ୱନା ଦେଉଥିଲୁ ଟଙ୍କା ଯୋଗାଡ଼ ହେଉଛି କହି । ତା ଆଗରେ ସିନା ଦେଖାଉଥିଲୁ ଟାଣପଣ, ରାତିରେ ଝିଅ ଶୋଇଯିବାପରେ କଥା ହୁଏ ଆମ ଦି'ପ୍ରାଣୀଙ୍କର । କାନ୍ଦୁ ଆମେ ଦୁହେଁ । କୋଉଠୁ ଆସିବ ହଜାରେ କି ଦିହଜାରେ ନୁହେଁ, ଟଙ୍କା ଲକ୍ଷେ ? ରାତି ପାହେ ଲୁହରେ ଲୁହରେ । ଖିଆ ପିଆ ସିମିତି । ଶାନ୍ତି ଥିଲେତ ମନରେ ?ଭାବୁଛି ଆମ ଅବସ୍ଥା ବୁଝିପାରି ସିଏ ବାଛିନେଲା ତା ରାସ୍ତା । ଆଉ କ'ଣ କରିଥାଆନ୍ତା ?

ପୋଲିସ କହିଲେ ଯାହା କହିଲ ସତ ? ନା ଶୁଣେଇଲ ଆମକୁ କାହାଣୀ ? ତା ଶଶୁରଙ୍କର ବୟାନ ମୋ ବୋହୁକୁ ସେ ମାରିଦେଇଛନ୍ତି । କାହାକୁ କରିବୁ ବିଶ୍ୱାସ ? ଛାଡ଼, ଆଇନ ଯିବ ତା ବାଟରେ । କିଛି ଅଛି ସାକ୍ଷୀ ପ୍ରମାଣ ତମ ବୟାନ ସପକ୍ଷରେ ?

--- କି ସାକ୍ଷୀ ଦେବିମୁଁ ? କିଏ ଜାଣେ, ନା ଦେଖିଚି ତା ମନକୁ ? ଆମେ ମାଆବାପ ହେଇତ ଜାଣି ପାରିଲୁ ନାଇଁ । ଆଉ କିଏ କହିବ ? ଘର କଥା କ'ଣ ଯାଏ ବାହାରକୁ ? ଦିନ କେଇଟା ହେବ ବାହା ହେଇଥିଲା । ଲୋକେ ଶୁଣିଥିଲେ କ'ଣ କହିଥାଆନ୍ତେ ?

--- ଠିକ ଅଛି, ତମେ ବସ ଗାଡିରେ । ଥାନାରେ ହେଇଯିବ ଦୁଧକୁ ଦୁଧ, ପାଣିକୁ ପାଣି ।

ଥାନାବାବୁ ଶବ ପୋଷ୍ଟମର୍ଟମ ପାଇଁ ପଠେଇ, ନେଇଗଲେ ପହଲିକୁ ।

ବାଇକିରେ ବସି ତା ଶଶୁର ଓ ତାଙ୍କ ଲୋକ ମୁରୁକି ମୁରୁକି ହସି ଗାଡ଼ି ଛୁଟେଇଲେ ପଛେ ପଛେ ।

ହାଜତରେ ରହିଲା ପହଲି । ଦେଖୁଥାଏ ସମୁଦି ଫୁସଫୁସ ହଉଛନ୍ତି ବାରବାର ପୋଲିସ ସହ । ତାଙ୍କ ମନରେ ସରସତା ଫୁଟିଉଠୁଚି । ଜଳଖିଆ ଥଣ୍ଡା ମଗେଇ ପରସି ଚାଲିଛନ୍ତି ବାରବାର । ପୋଲିସ ବି ହସି ବେଶ ଖୁସିରେ ଗପୁଛନ୍ତି ତାଙ୍କସହ । ପହଲିକୁ ବାକୀ ରହିଲାନି କଥାର ମଞ୍ଜ ବୁଝିବାକୁ । ସିଏ ଖାଲି ଡାକୁଥାଏ ଏକଲୟରେ ଈଶ୍ୱରଙ୍କୁ । ଅନଉ ଅନଉ ସନ୍ଧ୍ୟା ହେବାକୁ ବସିଲା । ସରପଞ୍ଚ ସୌଭାଗ୍ୟକୁ ଆସି ପହଁଚିଲେ । ସିଧା କଥା ହେଲେ ପୋଲିସ ସହ । ବେଶ ସମୟ । ସେଠୁ ଆସି ପହଁଚିଲେ ପହଲି ପାଖରେ । କହିଲେ, ଛାଡ଼, ଯାହାତ ହେବାର ହେଲାଣି । ଏଥିକୁ କାହାରି ହାତ ନାଇଁ । ପୋଲିସ ରାଜି ଅଛନ୍ତି ଛାଡି ଦେବେ ତମକୁ । କେସ ହେଇଯିବ ରଫାଦଫା । ତମେ ଯାଅ ଘରକୁ । କିଛି ହେବନି ତମର । ମୁଁ ଅଛି ।

ପହଲିକୁ ମୁକୁଳେଇ ଦିଆଗଲା ହାଜତରୁ । ପହଲି ଥାନା ବାରଣ୍ଡାରୁ ଓହ୍ଲେଇ ଚାଲିବା ପୂର୍ବରୁ ଅନେଇଲା ପଛକୁ ବୁଲି । ପୋଲିସଙ୍କ ଟେବୁଲରେ ବସିଥିଲେ ସମୁଦି, ସରପଞ୍ଚ । ସମସ୍ତଙ୍କ ମୁହଁରେ ଫୁଟି ଉଠୁଥିଲା ଗଡ଼ଜିଣାର ଗୌରବ । ପୋଲିସ ଖୋଳରୁ ସିଗାରେଟ କାଢି ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ଧରେଇ ନିଜେ ଧରିଲେ ଖଣ୍ଡେ । ସମୁଦି ଲାଇଟରେ ଜାଳି ନିଆଁ ଧରଉଥାଆନ୍ତି ସମସ୍ତଙ୍କ ମୁହଁରେ । ଗୋଟାଦିନ ଓପାସରେ ରହି ପାଦ ଘୋସାରି ଘୋସାରି ଆଗକୁ ବଢୁଥାଏ ପହଲି ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫


# ପ୍ରତୀକ୍ଷିତ ପ୍ରେମ

ସୁଦର୍ଶନ ମହାପାତ୍ର



ସ୍କୁଲ ଛାଡି କଲେଜ ଏବଂ ପରେ ପରେ ୟୁନିଭରସିଟି ଜୀବନ ଶେଷ ହେବାକୁ ଯାଉଥିବା ବେଳେ ପ୍ରେମ କରିବାକୁ ଖୋଜୁଥିବା ସୁନ୍ଦର ଝିଅଟିଏ ମୋତେ ମିଳିନଥିଲା । ମୁଁ ଖୋଜୁଥିଲି ଏମିତି ଝିଅଟିଏ ଯାହାର ସମୁଦ୍ର ଭଳି ନୀଳ ନୀଳ ଆଖି ଥିବ, ହସ ମୋନାଲିସା ହସକୁ ପଛରେ ପକେଇଥିବ,ଅଣ୍ଟା ଯାଏ ଲମ୍ବିଥିବ ତା'ର ଘନ କେଶ ରାଶି,ରୂପ ମୋ କଳ୍ପନାରେ ଆସୁଥିବା ସବୁ ଅପସରାଙ୍କ ଠାରୁ ମୋହକ ଥିବ..!

ହେଲେ ମୁଁ ନିରାଶ ହେଲି ।

ଖାଲି ମୁଁ ନୁହେଁ, ମୋ ପରି କେତେଜଣ ବନ୍ଧୁଙ୍କୁ ବୋଧହୁଏ ସେମାନଙ୍କ ପସନ୍ଦର ପ୍ରେମିକା ମିଳିନଥିଲେ । ଉଦାହରଣ ସ୍ୱରୂପ ନିଆଯାଇପାରେ ବିଭାସକୁ । ବିଭାସର ପସନ୍ଦ ଥିଲା ସ୍ୱଳ୍ପକେଶୀ, କ୍ଷୀଣାଙ୍ଗୀ ଆଉ ଦୁଧ ଅଳତା ରଙ୍ଗର ଝିଅ । ହେଲେ ପ୍ରେମ କରିବାକୁ ସେମିତି ଝିଅଟିଏ ତାକୁ ବି ମିଳିଲାନି କୁଆଡେ !

ନିରଞ୍ଜନ କହେ ତା'ର ସୁଶୀଳା, ସୌମ୍ୟା, ମାଟିକୁ ଚାହିଁ ବାଟ ଚାଲୁଥିବା ଝିଅ ପସନ୍ଦ । ଅବଶ୍ୟ ଶ୍ୟାମଳ ରଙ୍ଗ ହେଲେ ବି ତା'ର କିଛି ଆପତ୍ତି ନାହିଁ । ସେମିତି ଠାଣିମାଣିର ଝିଅ ଅର୍ଥାତ୍ ମାଛିକୁ ମ କହୁନଥିବା ଝିଅ ଆଜିକାଲି ମିଳିବା ତା' ପାଇଁ କଷ୍ଟକର ହେଲା ।

ଆଉ ଜଣଙ୍କୁ ମୁଁ ଏଇଠି ସାମ୍ନାକୁ ଆଣିବାକୁ ଚାହିଁବି । ସେ ହେଉଛି ସପନ; ମୋ ପିଲାଦିନର ବନ୍ଧୁ । ହାଇସ୍କୁଲ ସମୟରେ ସୁହାସିନୀ ପଛରେ ସେ ପଡ଼ିଥିଲା ଏବଂ ପ୍ରେମିକା ରୂପରେ ପାଇବାକୁ ଯତପରୋନାସ୍ତି ଚେଷ୍ଟା କରିଥିଲା ବୋଲି ମୁଁ ଅବଗତ ଥିଲି । ସେଇ ପ୍ରେମ ତା'ର ଏକତରଫା ଥିଲା ବୋଲି ମୁଁ ମନେ କଲାବେଳେ, ସେ କିନ୍ତୁ ତା'ର ମୁରୁକି ହସରେ ମୋତେ ଯେମିତି ସୂଚେଇବାକୁ ଚେଷ୍ଟା କରୁଥିଲା ଯେ 'ତୁ ଯାହା ଭାବୁଛୁ ସେମିତି ବିଲକୁଲ ନୁହେଁ' । କେଜାଣି ଯଦି ସେ ତା'ର ସାନ୍ନିଧ ପାଇଥିବ ! ହେଲେ ହାଇସ୍କୁଲ ସରିବା ପର୍ଯ୍ୟନ୍ତ ମୁଁ ସପନ ପ୍ରେମର ପ୍ରମାଣ ପାଇନଥିଲି ।

ସପନ ପ୍ଲସ ଟୁ ରେ ପଢିଲା ରେଭେନ୍ସାରେ । ସେଇଠି କେଉଁ 'ସୋନାଲି' ନାମ୍ନୀ ଝିଅର ପ୍ରେମ ନିବେଦନକୁ ସପନ ଗ୍ରହଣ କରିଥିଲା ବୋଲି କହୁଥିଲା । ହେଲେ ଦୀର୍ଘ ବର୍ଷଟିଏ ପରେ ସେ କୁଆଡେ ଅଚାନକ ତା'ର ନୂଆ ପ୍ରେମିକର ଭରସା ଜିତିବା ପାଇଁ ସପନ ହାତରେ ରାକ୍ଷୀ ବାନ୍ଧି ଭାଇର ମର୍ଯ୍ୟାଦା ଦେଇଥିଲା । ଅବଶ୍ୟ ସପନ ଏଥିରେ ଭାଙ୍ଗି ପଡ଼ିନଥିଲା ।

ପ୍ଲସ ଟୁ ପରେ ସପନ କୋଲକାତାରେ ଯାଇଁ ପଢିଲା ଏବଂ କିଛି ଦିନର ରହଣି ପରେ ସେ ମୈତ୍ରୀ, କାକଳି, ରୁମା ଇତ୍ୟାଦି ଝିଅଙ୍କ ସମ୍ପର୍କରେ କହିଲା । ହେଲେ ସେ ମୈତ୍ରୀ କୁ ତା ପ୍ରେମିକା ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରେ ।

ପ୍ରେମ ବିଷୟରେ ମୁଁ ତା ଠାରୁ ଆଉ ପଛକୁ ଫେରିବାକୁ ଚାହିଁ ନଥିଲି । ମୋ ଆଖିକୁ ସୁନ୍ଦର ଦିଶୁଥିବା ମିନୁ ନାମ୍ନୀ ଝିଅ ବିଷୟରେ ସପନ କୁ ସଲ୍ଲଜ ଗପିବାକୁ ଚେଷ୍ଟା କଲି । ମିନୁ ର ଫଟୋ ସେ ଦେଖିବାକୁ କହିଲା ତ ଅତି ସାଧାରଣ ଝିଅ ମିନୁ ତା ସହିତ ଫଟୋ ନେବାକୁ ଅନୁମତି ଦିଏ ନାହିଁ ବୋଲି ମୁଁ କୈଫତ ଦେଲି ।

ସପନ ଏଥର ନିଜ ଆଡୁ ମିନୁ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କଲା । ସେ ନକହିଲେ ବି ମୁଁ ବୁଝି ପାରିଲି ଏଇ ପ୍ରେମ ପାଇଁ ସେ ମୋତେ ଈର୍ଷା କରିବା ଆରମ୍ଭ କରି ଦେଇଥିଲା । ମୋ କଥାରେ କାଳ୍ପନିକ ଭଲ ପାଇବାର ରଙ୍ଗ ଭରିରହିଥିବା ବେଳେ ବାସ୍ତବତା ଠାରୁ ମୁଁ ବହୁତ ଦୂରରେ ଥିଲି ବୋଲି ତାକୁ ବୁଝିବାକୁ ଦେଇନଥିଲି ।

ପ୍ରକୃତ କଥା ହେଲା ଯେଉଁ ମିନୁ କଥା ମୁଁ କହୁଥିଲି ସେ ବିବାହିତା..! ଆଉ କାହାର ବାକଦତ୍ତା..!

କେଉଁ ଧନୀକ ଘରର ପୁଅ ମିନୁ ରୂପରେ ମୁଗ୍ଧ ହୋଇ ସେ ସ୍ନାତକ ପଢିବା ସମୟରୁ ହିଁ ବାହା ହୋଇ ଯାଇଥିଲା । ମିନୁ ମୋ ଭଳି କେତେ ସହପାଠୀଙ୍କୁ କଫି ବା ସ୍ନାକ୍ସରେ ବେଳେ ବେଳେ ଆପ୍ୟାୟିତ କରୁଥିଲା । ସେଇ ସୂତ୍ରକୁ ଆଧାର କରି ରୋଚକ କାହାଣୀ ମାନ ସପନକୁ କହିବା ଛଡ଼ା ମୋର କିଛି ଚାରା ନଥିଲା ।

ହେଲେ ପି.ଜି ର ଶେଷ ଶେଷ କେଇ ଦିନ ଆଗରୁ ମୋର ଲାଇବ୍ରେରୀ ରେ ଦେଖାହେଲା ଝିଅଟିଏ । ସେଇ ଝିଅଟି ଉପରେ ସେଦିନ ଆଖି ପଡିଲା ପରେ ତା'ର ସୁନ୍ଦରତା ମୋତେ ବିମୁଗ୍ଧ କରିଥିଲା । ପ୍ରେମର ଅଙ୍କୁରଶ୍ୱୋମ ଟିଏ ଚହଟି ଉଠିଲା ମୋ ଭିତରେ ।ତା ସୁନ୍ଦରତା ମୋ ଆଖିରୁ ଆଉ ହଟୁନଥିଲା । ମୋର ମନେହେଲା ତା ପଛରେ ମାଇଲ୍ ମାଇଲ୍ ଚାଲିଲେ ବି ଥକ୍କା ଲାଗିବନି ।ତା ସହିତ ଅବଶିଷ୍ଟ ଜୀବନ ଅତିବାହିତ କରିପାରିଲେ ପ୍ରେମ ପାଇଁ ଥିବା ମୋର ସବୁ ଅବସୋସ ପୂରଣ ହୋଇଯିବ ।

ଆପାତତଃ ପ୍ରେମ ପାଇଁ ଯୋଗ୍ୟା ଝିଅଟିଏ ମିଳିଗଲା ବୋଲି ମୁଁ ନିଜକୁ ଭାଗ୍ୟବାନ ମନେକଲି । ମନେହେଲା ସତେ ଯେମିତି ଏଇ ଝିଅର ଅପେକ୍ଷାରେ ଥିଲି ମୁଁ ଏତେ ବର୍ଷ । ମୁଁ ହଜିଯାଇଥିଲି ଅନ୍ୟ ଏକ ଦୁନିଆରେ ।

କିନ୍ତୁ ଏ କ'ଣ ହେଲା ଅଚାନକ ? ଲାଇବ୍ରେରୀର ପରିବେଶ ବଦଳି ଗଲା କେମିତି ?

ଭୂମିକମ୍ପ ନା ସୁନାମି..!

ଲାଇବ୍ରେରୀଆନ ମହାଶୟ ସେଇ ଅନିନ୍ଦ୍ୟ ସୁନ୍ଦରୀ ଝିଅଟି ଉପରେ ହିଁ ପାଟି କରୁଥିଲେ । ଝିଅଟିର ଦୋଷ ଯେ ସେ ଧିରେ ପଛେ ହେଉ ଫୋନ୍‌ରେ କାହା ସହିତ ଗପୁଥିଲା ।

ଆରେ ଜରୁରୀ କଥା ଥିଲେ ଜଣେ କଥା ହେବ କି ନାହିଁ !

ଏଇ କାଳିଆ ଭୂଷୁଣ୍ଡା ଲୋକର ଏତେ ସାହସ ? ଝିଅଟିକୁ ଏତେ କର୍କଶ ସ୍ୱରରେ ଅପମାନିତ କରିବ ? ଇଛା ହେଉଥିଲା ଦେବି କି ଯାଇ ଦି' ମୁଥ ତା ମୁହଁରେ ! ତା' ନାକଦଣ୍ଡା ଫଟେଇ ଦେବି କି ? କିମ୍ବା ଗଧ ମୁହଁରେ କୃଷ୍ଣ କମ୍ବୁ ଭର୍ତ୍ତି କଲାଭଳି, ଗୋଟିଏ ମୋଟା ବହି ତା ମୁହଁରେ ଭର୍ତ୍ତି କରିଦେବି ଯେ, ତା'ର ସେ ରୁଢିଆ କଥା ବନ୍ଦ ହୋଇଯିବ ।

ଦେଖିଲି ଝିଅ ଟି କୌଣସି ଜବାବ ନଦେଇ ପଢ଼ି ବସିଲା । ପୁଣି ଟିକେ ମୁହଁ ଟେକିଲା ।ସେଇ ସମୟରେ ମୋ ଉପରେ ତା'ର ଆଖି ପଡିଲା । ଛଳଛଳ ଦିଶୁଥିବା ତା ଆଖିକୁ ରୁମାଲରେ ପୋଛିଦେଲା । ଆହା ବିଚାରି ! କେତେ ଆହତ ହେଲା ! ମୋ ଛାତିରୁ ତା ପାଇଁ କ୍ଷୋଭ ଜମାଟ ବାନ୍ଧୁଥିଲା ।

କିଛି ସମୟପରେ ଝିଅଟି ସିଟ୍ ରୁ ଉଠିଲା ।ଇସ୍ୟୁ କରି ଆଣିଥିବା ବହିଟିକୁ ଫେରେଇବାକୁ ଗଲା ।

କେଡେ ଅବିବେକୀ ସତରେ ଦିବାକର ବାବୁ ନାମକ ସେଇ ଲାଇବ୍ରେରୀଆନଟି । ବହି ରଖିଲା ଭିତରେ ପୁଣି ଥରେ ଝିଅଟିକୁ ତାଗିଦ୍ କଲା ମୋବାଇଲରେ କଥା ନହେବାକୁ । ବଡ଼ ଅଜବ ଲୋକ । କେତେ ଆଉ ଦୁଃଖ ଦେବୁ ଝିଅଟି ମନରେ ?

ମୁଁ ସେତେବେଳକୁ ସିଟ୍ ଛାଡି ଠିଆ ହୋଇଥିଲି ଝିଅଟି ପଛରେ । ମୋ ପ୍ରାଣ ସତେ ବିଗଳିତ ହୋଇ ଯାଉଥିଲା ।

ଆହା କେଡେ ସରଳ ନିରୀହ ଝିଅଟି ! ନରମ କଣ୍ଠରେ 'ସରି ସାର୍' କହିଲା ଏବଂ ତଳକୁ ମୁହଁ ପୋତି ଲାଇବ୍ରେରୀ ରୁ ବାହାରି ଗଲା ।

ଝିଅଟିର ପଛେ ପଛେ ମୁଁ ।

ଏପଟସେପଟ ଚାହିଁ କିଛି ବାଟ ଆଗେଇଗଲା ଝିଅଟି । ପୁଣି ତା ପଛେ ପଛେ ମୁଁ । ହଠାତ୍ ବାଇକ୍ ଟିଏ ଆସି ଠିଆ ହେଲା ଝିଅଟି ପାଖରେ ଆଉ ହସି ହସି ସ୍ୱାଗତ କଲା ।

ମୋ ଆଖି ଆଗର ଦୃଶ୍ୟ ଏବେ ଧୂମାୟିତ । ପଛ ପଟରୁ ଗୋଟାପଣେ ଜାବୁଡି ଧରିଥିବା ଝିଅଟିକୁ କେହି ଯେମିତି ମନପବନ ଯାନରେ ଉଡ଼ାଇ ନେଇଗଲା ତତକ୍ଷଣାତ୍..!

ଏବେ ଭାବନ୍ତୁ ତ ମୋ ମନ କଥା...!


+କୁଞ୍ଜବିହାରୀ ଲେନ,
କଟକ


# ନିବିଡ଼ ଆତ୍ମୀୟତା

ପରେଶ ନାଥ ନନ୍ଦ

କ୍ଷଣ ଭଙ୍ଗୁର ଦୁନିଆରେ ଅନେକ ଉତ୍ଥାନ, ପତନ, ଘଟଣା,ଦୁର୍ଘଟଣାର ସାମ୍ନା କରିବାକୁ ପଡ଼ିଥାଏ । ପ୍ରତ୍ୟେକ ପରିସ୍ଥିତି ପରିବେଶ, ଘଟଣା, ଦୁର୍ଘଟଣାରୁ ମଣିଷ କିଛି ଅନୁଭବ, ଅନୁଭୂତି ସାଉଁଟି ଥାଏ । ସେଥିରୁ ଏମିତି କିଛି ଅନୁଭୂତି ରହିଥାଏ, ଯାହା ବାରମ୍ବାର ତା' ସ୍ମୃତିକୁ ଆସିଥାଏ । ଶତଚେଷ୍ଟା କରି ମଧ ଭୁଲି ପାରି ନଥାଏ । ସେଭଳି ଏକ ଅଭୂଲା ସ୍ମୃତିକୁ ନେଇ ଏ ଉପସ୍ଥାପନା ।

ସୁବ୍ରତ ଏବଂ ବନମାଳୀ ଗୋଟିଏ ବିଭାଗ ତଥା ଏକା ପ୍ରକାର ବୃତ୍ତି ହୋଇଥିବାରୁ ବୃତ୍ତିଗତ ଆଲୋଚନା ତଥା ପରାମର୍ଶ ଆଦାନ ପ୍ରଦାନ ହୋଇଥାଏ ଅନେକ ସମୟରେ; ତା'ଛଡ଼ା ପାରିବାରିକ ସମ୍ପର୍କ ଅତ୍ୟନ୍ତ ନିବିଡ଼ ହୋଇଥିବାରୁ ଅଧିକାଂଶ ସମୟରେ ବନମାଳୀଙ୍କ ଘରକୁ ଯାଇଥାନ୍ତି ସୁବ୍ରତ । ଉଭୟ ପ୍ରାୟ ସମ ବୟସ୍କ ହୋଇଥିଲେ ମଧ ବଡ଼ଭାଇ ତଥା ଭାଉଜର ସମ୍ମାନ ଦେଇଥାନ୍ତି ସୁବ୍ରତ ଉଭୟଙ୍କୁ । ଖାଲି ଭାଉଜ ନୁହନ୍ତି ପୁଅ ବୋହୂ ନାତି ସମସ୍ତେ ଅତି ଆଦର ତଥା ସମ୍ମାନ ଜଣାଇଥାନ୍ତି ସୁବ୍ରତକୁ । ଏମିତି ଗୋଟିଏ ଦିନ ନାହିଁ ଯେଉଁଦିନ କିଛି ନା କିଛି ପାଟିରେ ନ ପକାଇ ଛାଡ଼ିଛନ୍ତି । ଏତେ ପରେ ବି ଶେଷକୁ ଚା କପେ ନ ପିଆଇ ଛାଡ଼ନ୍ତି ନି ଭାଉଜ । ଖାଲି ସୁବ୍ରତ ନୁହନ୍ତି ତାଙ୍କ ଘରକୁ ଆସୁଥିବା ସମସ୍ତ ଅତିଥି, ବନ୍ଧୁବାନ୍ଧବ ଅନ୍ତତଃ ଚା କପେ ତ ପିଇ କି ହିଁ ଫେରନ୍ତି ।

ଏସବୁ ବ୍ୟକ୍ତିଗତ କଥା କହିବାର ତାତ୍ପର୍ଯ୍ୟ ଏହି କି ସୁବ୍ରତ କହିବାକୁ ଯାଉଥିବା ପ୍ରସଙ୍ଗଟି ଏହି ଚା' ପିଇବା ଘଟଣା ଉପରେ ଆଧାରିତ ।

ସୁବ୍ରତ ତାଙ୍କ ଘରକୁ ପ୍ରାୟତଃ ଯାଉଥିଲେ ମଧ କୌଣସି କାର୍ଯ୍ୟ ବ୍ୟସ୍ତତା ଯୋଗୁ କିଛି ଦିନ ହେବ ଯାଇ ପାରିନଥିଲେ ।

ସେଦିନ ହଠାତ୍ ବନ୍ଧୁଙ୍କଠାରୁ ଭାଉଜଙ୍କ ଅସୁସ୍ଥତା ଖବର ପାଇ ମନଟା ଆଦୌ ଭଲ ଲାଗିଲା ନାହିଁ । ସହସା ଯାଇ ତାଙ୍କ ଘରେ ପହଞ୍ଚିଲେ ସୁବ୍ରତ । ଦେଖିଲେ ଭାଉଜ ଶଯ୍ୟାଶାୟୀ । ପୁଅ, ବୋହୂ ସମସ୍ତେ ତାଙ୍କ ସେବାରେ ତତ୍ପର, ସମସ୍ତଙ୍କ ମୁଖରେ ବିଷାଦର ଭାବ ସ୍ପଷ୍ଟ ବାରି ହେଉଥାଏ । ଖବର ଶୁଣି ଅନ୍ୟମାନେ ମଧ ଉପସ୍ଥିତ ଥା'ନ୍ତି ତାଙ୍କ ଘରେ ।

ସୁବ୍ରତ ପହଞ୍ଚିବା କ୍ଷଣି ସବୁଦିନ ଭଳି ପୁଅ, ବୋହୂ ସମସ୍ତେ ଖୁସି ବ୍ୟକ୍ତ କରି ବସିବାକୁ କହିଲେ । ହେଲେ ସୁବ୍ରତ ସେମିତି ଛିଡ଼ା ହୋଇ ଭାଉଜଙ୍କ ଅବସ୍ଥା ଦେଖୁଥାନ୍ତି । ରୋଗ ଯନ୍ତ୍ରଣାରେ ଅବଶ ହୋଇ ବିଛଣାରେ ଶୋଇଥାନ୍ତି । ପୁଅ ବୋଧହୁଏ ଇଞ୍ଜେକେସନ୍ ଟିଏ ଦିଆଇବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ପୁଅବୋହୁ ମାନେ ମା'ଙ୍କ ପାଖେ ସବୁବେଳେ ରହି ସେବା କରୁଥାନ୍ତି । ସାନ ବୋହୂ ଆଗ୍ରହରେ ମା'ଙ୍କୁ ପଚାରିଲେ କିଏ



ଆସିଛନ୍ତି ? ସେମିତି ଆଖିବୁଜି ଭାଉଜ ଉତ୍ତର ଦିଅନ୍ତି- 'ଲିପୁର ବାପା ବୋଲି' । ଖାଲି ସେତିକି ନୁହେଁ ଆଦରରେ କହନ୍ତି- 'ବସ ଚା' ପିଇକି ଯିବ ବୋଲି' । ଏମିତି ତାଙ୍କ ଘରକୁ ଯିଏ ବି ଆସନ୍ତି ଏଭଳି ସତ୍କାର ପାଇବାଟା କିଛି ନୂଆ କଥା ନୁହେଁ ।

ତେବେ ସେଦିନର ସେଭଳି ଏକ ପରିସ୍ଥିତିରେ ନିଜେ ଭାଉଜ ଚା' ପିଇବା ପାଇଁ ଅନୁରୋଧ କରିବା କଥାଟି ସୁବ୍ରତର ମନେ ରହିଗଲା ସବୁଦିନ ପାଇଁ । ଭାଉଜଙ୍କର ଏଭଳି ଅବସ୍ଥା ସୁବ୍ରତଙ୍କୁ ଅତ୍ୟନ୍ତ ଦୁଃଖ ଦେଇଥିଲା । କେମିତି ବା ଚା' ପିଇଥାନ୍ତେ ସେ । ଭାଉଜଙ୍କର ଶୀଘ୍ର ଆରୋଗ୍ୟ ହେବା ପାଇଁ ଠାକୁରଙ୍କ ନିକଟରେ ଆବେଗର ସହିତ ଜଣାଣ କରି ବିଷାଦ ପୂର୍ଣ୍ଣ ହୃଦୟରେ ଘରକୁ ଫେରିଲେ ସୁବ୍ରତ ।

କୌଣସି କାମରେ ଆଉ ମନ ଲାଗୁ ନଥାଏ ସୁବ୍ରତର । କିଛି ଦିନ ପରେ ଭାଉଜ ଆର ପାରିକି ଚାଲି ଯିବା ଖବରଟି ଶୁଣି ଦୁଃଖରେ ଭାଙ୍ଗି ପଡ଼ିଲେ ସୁବ୍ରତଙ୍କ ପରିବାର । ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଗଲା ।

ସୁବ୍ରତ ଖାଲି ଅନୁତାପ କରୁଥା'ନ୍ତି ସେଦିନ ତାଙ୍କ ଅନୁରୋଧ ରକ୍ଷା କରି ଚା ପିଇଲେନି ବୋଲି । ଭାଉଜଙ୍କଠାରୁ ଚା' ପିଇବା ଆଶା ରହିଗଲା ଏ ଜନମ ପାଇଁ । ସୁବ୍ରତଙ୍କ ମନକୁ ଆସୁଥାଏ ଗୋଟିଏ କଥା-ଭାଉଜ ସିନା ଚାଲିଗଲେ, ହେଲେ ଯିବା ବେଳେ ରଖି ଦେଇଗଲେ ଅମୂଲ୍ୟ, ଅବିସ୍ମରଣୀୟ ବାର୍ତ୍ତାଟିଏ ଏ ସମାଜ ପାଇଁ ।

ଆଉ ସେ ବାର୍ତ୍ତାଟି ହେଲା- ସ୍ନେହ, ମମତା, ଆନ୍ତରିକତା, "ନିବିଡ ଆତ୍ମୀୟତା'' ଏସବୁ ଦୁଇ ଦିନିଆ ନୁହେଁ, ସବୁ ଦିନର, ସବୁ ପରିସ୍ଥିତିର, ଯାହା ତୁମେ ଦେଖାଇ ଦେଇଗଲ ଜୀବନର ଅନ୍ତିମ ସମୟରେ ମଧ ।


+ଅବସରପ୍ରାପ୍ତ ଶିକ୍ଷକ,
ବେଲପୋଷି, ଜାମଦା, ମୟୂରଭଞ୍ଜ

# ପୁରୀ ଜିଲ୍ଲାସ୍ତରୀୟ ପାରଳା ମହାରାଜାଙ୍କ ଜୟନ୍ତୀ ଅନୁଷ୍ଠିତ

ପୁରୀ,୨୭/୪(ନି. ପ୍ର): ତ୍ୟାଗ, ସେବା ଓ ପେରାପକାର ଦିବ୍ୟ ଗୁଣ । ଏହା ଅର୍ଥ ଦ୍ୱାରା ନହୁଁ ନିଜ ଅକ୍ଲାନ୍ତ ପ୍ରେଚଷ୍ଟା ଓ ନିସ୍ୱାଥର୍ପର ପ୍ରତିବଦ୍ଧତା ଦ୍ୱାରା ହାସଲ କରାଯାଇପରେ ବୋଲି ପ୍ରମାଣ କରିଛନ୍ତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ବୋଲି କହିଛନ୍ତି ଉପ ଜିଲ୍ଲାପାଳ ରାଜ କିଶୋର ଜେନା । ଆଜି ପୂର୍ବାହ୍ନେର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ ଗୃହେର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗେଦଇ ଉପ ଜିଲ୍ଲାପାଳ ଶ୍ରୀ ଜେନା ଜେଣ ମହାରାଜା ଭାବେ ସମସ୍ତ ସୁବିଧା ଓ ସ୍ୱଚ୍ଛନ୍ଦ ଜୀବନ ଅତିବାହିତର ସୁଯୋଗ ଥିବା ସତ୍ୱେ ପାରଳା ମହାରାଜା ସ୍ୱତନ୍ତ୍ର ଓଡ଼ିଶା ଗଠନ, ଭାଷାର ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସାମାଜିକ ସେବା ଇତ୍ୟାଦି ପ୍ରତି ଉତରଦାୟୀ ଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅେନକ ତ୍ୟାଗ ଓ ସଂସ୍କାର କରିଛନ୍ତି । ଆଜିର ଦିବସରେ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇବା ସହ ତାଙ୍କ ଜୀବନୀରୁ ସେବା ପାଇଁ ଯଦି କିଛି ଶିଖି ଆମ ଜୀବନେର ଲଗାଇ ପାରିବା ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରେଫସର କୈଳାସ ଚନ୍ଦ୍ର ଟାକାୟତରାୟ ପାରଳା ମହାରାଜାଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ପାରଳା ମହାରାଜାଙ୍କ ବିନା ଏକ ସ୍ୱତନ୍ତ୍ର ଓଡିଶା ଗଠନ ହୁଏତ ସମ୍ଭବ ହୋଇ ପାରି ନଥାନ୍ତା ବୋଲି କହିଥିଲେ । ପୂର୍ବ ସୁରୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି କେବଳ ଉପଯୁକ୍ତ ସମ୍ମାନ ନୁହେଁ ଏହା ଆମ ଭବିଷ୍ୟତ ପିଢି ପାଇଁ ମାଗଦର୍ଶକ ଓ ପ୍ରେରଣା ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ସେନ୍ତାଷ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପାରଳା ମହାରାଜାଙ୍କର ଓଡିଶା ଓ ଓଡ଼ିଆ ଭାଷା ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ମେଡିକାଲ କଲେଜ ପ୍ରତିଷ୍ଠା, ଧାନ ଗେବଷଣା କେନ୍ଦ୍ର, ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା, କୃଷି ଭିତିଭୂମିର ଉନ୍ନତି, ବୃହତ ପୋଖରୀ ଖନନ ଇତ୍ୟାଦି ମହାରାଜାଙ୍କର ଲୋକାଭିମୁଖୀ ସେବା ବୋଲି ସେମାନେ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସେନ୍ତାଷ କୁମାର ସେଠୀ ସମାରୋହର ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ । ପୂର୍ବରୁ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ ପ୍ରତିଷ୍ଠାନ ପରିସରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାପର୍ଣ କରିଥିଲେ । ସଭା ସ୍ଥଳରେ ମହାପ୍ରଭୁଙ୍କ ପ୍ରତିମୂର୍ତି ଓ ପାରଳା ମହାରାଜାଙ୍କ ଫଟୋଚିତ୍ରରେ ମାଲ୍ୟାପର୍ଣ କରିଥିଲେ । କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା । ଶେଷରେ ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର ପାତ୍ର ଧନ୍ୟବାଦ ଅପର୍ଣ କରିଥିଲେ । ସମାରୋହରେ ସୂଚନା ଓ ଲୋକ ସମ୍ପର୍କ ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ କମର୍ଚାରୀ ସହଯୋଗ କରିଥିଲେ ।

# କେନ୍ଦ୍ରାପଡ଼ାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ

କେନ୍ଦ୍ରାପଡ଼ା,୨୭/୪(ନି. ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତିଭବନ ଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୫ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ପାଳନ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଏଲଡିଏମ୍ ମନୋଜ କୁମାର ପ୍ରଧାନି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ମାନସ ରଂଜନ ବେହେରା, ମୃର୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ଏଡିଭିଓ ଡକ୍ଟର ମୃତ୍ୟୁଞ୍ଜୟ ମହାନ୍ତି, ଡକ୍ଟର ସ୍ମୃତିରଂଜନ ରାଉତ, ଡଃ. ନିର୍ମାଲ୍ୟ କୁମାର ପତି ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୨ ମାସ ଘାସ ଚାଷ ପାଇଁ ଏକର ପିଛା ୩୫ ହଜାର ଟଙ୍କା ସହାୟତା, ଘରେ ଘରେ ସବୁଜ ଗୋ ଖାଦ୍ୟ, ଦୁଧିଆଳି ଗାଇକୁ ଦୈନିକ ୧୦ ରୁ ୧୫ କେଜି ଘାସ ଖୁଆଇବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୁଏ । କେନ୍ଦ୍ରାପଡ଼ା ମେଣ୍ଢିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ମେଣ୍ଢି ଥରକରେ ୩ଟି ଛୁଆ ଦେବାର ଶକ୍ତି ରଖନ୍ତି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାକାଳପଡାର ଯଶୀପୁର ଗ୍ରାମର ଭ୍ରମଦିଆ ବାରିକଙ୍କୁ ଛେଳି ଚାଷ ଦୁହୁରିଆ କଷୋଟି ଗ୍ରାମର ସସ୍ମିତା ନାଥ ଶର୍ମାଙ୍କୁ ଗୋପାଳନ ପାଇଁ ଓ ମାର୍ଶାଘାଇ ହାତିଆର ସତ୍ୟଜିତ ବେହେରାଙ୍କୁ ବ୍ରଏଲର ଚାଷ ପାଇଁ ସମ୍ମାନୀତ କରାଯାଇଛି । ଏଥିସହିତ ଜିଲ୍ଲାର ଦୁଇଜଣ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ (ଏସ୍‌ଡିଭିଓ), ବିବେକାନନ୍ଦ ସାହୁ(ଏଡିଭିଓ)ଙ୍କୁ ସମ୍ମାନୀତ କରାଯାଇଛି । କାର୍ଯ୍ୟକ୍ରମରେ ଡକ୍ଟର ପ୍ରଭଞ୍ଜନ ରଞ୍ଜନ କବି ଧନ୍ୟବାଦ ଅର୍ପଣ କରିଥିବାବେଳେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ନିରୀକ୍ଷକ ଉପସ୍ଥିତ ଥିଲେ ।

# ବିନିକାରୁ ଚୋରି ଟ୍ରକ ଭଞ୍ଜନଗର ଥାନା ଏରିଆରୁ ଉଦ୍ଧାର

ସୁବର୍ଣ୍ଣପୁର,୨୭/୪(ନି. ପ୍ର): ଅଏଲ ଫ୍ୟାକ୍ଟ୍ରି କୁ କୁଣ୍ଡା ନେଇ ଆସିଥିଲା ଲୋଡ଼ିଂ ହେଲା ହେଲେ ଟ୍ରକ ଟି ଚୋରି ହୋଇଗଲା ଗନ୍ତବ୍ୟସ୍ଥଳରେ ପହଂଚି ପାରିଲା ନାହିଁ । ଥାନାରେ କେଶ ଦେବାର ୮ ଦିନ ପରେ ଟ୍ରକ ଟି ଭଞ୍ଜନଗର ଇଲାକାରୁ ଉଦ୍ଧାର ହୋଇଛି । ଘଟଣାରୁ ଜଣାପଡିଛି ଯେ ଗତ ୧୦/୧୨ ଦିନ ତଳେ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ଥାନା ବସନ୍ତପେଡ଼ି ଗ୍ରାମରୁ ଏକ ଟ୍ରକ ନଂ ଡଓ ୩୩ଏ ୨୨୨୫ ବିନିକା ନିକଟ ଜାମପାଲି ଶ୍ରୀୟାନ ସଲଭେଣ୍ଟ ଅଏଲ ମିଲକୁ କୁଣ୍ଡା ନେଇ ଆସିଥିଲା । କୁଣ୍ଡା ଲୋଡିଂ ମଧ ହୋଇଥିଲା ହେଲେ ସେହିଦିନ ଠାରୁ ଟ୍ରକଟି ଚୋରୀ ହୋଇ ଯାଇଥିଲା । ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ନ ପହଂଚିବାରୁ ଟ୍ରକ ମାଲିକ ଅମଙ୍ଗ ମୋହନ ଦାଶ ୧୭ ତାରିଖ ଦିନ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଥାନା କେଶ ନଂ ୭୧/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । କୌଣସି ସୂତ୍ରରୁ ଖବର ପାଇ ବିନିକା ପୋଲିସ ଗଞ୍ଜାମ ପୋଲିସ ସହାୟତାରେ ଭଞ୍ଜନଗର ଥାନା ଇଲାକାର ବିଭିନ୍ନ ସ୍ଥାନରେ ଛାନଭିନ କରି ସଫଳ ହୋଇଥିଲେ । ଚୋରୀ ଟ୍ରକକୁ ପୋଲିସ ଉଦ୍ଧାର କରିଥିବା ବେଳେ ଟ୍ରକ ଚାଳକ ଫେରାର ହୋଇଯାଇଛି । ଏଥିରେ ସଂପୃକ୍ତ ୩ ଅଭିଯୁକ୍ତ ଜଗନ୍ନାଥ ପ୍ରସାଦ ଥାନା ଏରିଆର ସୁଶାନ୍ତ ବେହେରା, ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଏରିଆର ଶିବାଜୀ ପ୍ରଧାନ, ଜିତେନ୍ଦ୍ର ଜେନାଙ୍କୁ ପୋଲିସ ଗିରଫ କରିଛି ।

# ସରକାରଙ୍କ ଆୟୁଷ୍ମାନ ଓ ଗୋପବନ୍ଧୁ ସ୍ୱାସ୍ଥ୍ୟଭିତ୍ତିକ ଲୋକପ୍ରିୟ ଯୋଜନାର ପ୍ରଚାର ପ୍ରସାରରେ ବାଧକ ସାଜିଛନ୍ତି ହରିଚନ୍ଦନପୁର ବିଡିଓ

ହରିଚନ୍ଦନପୁର,୨୭/୪(ନି. ପ୍ର): ଆୟୁଷ୍ମାନ ଓ ଗୋପବନ୍ଧୁ ଦେଓ ମୁକ୍ତ ସ୍ୱାସ୍ଥ୍ୟ ଭିତିକ ସରକାରୀ ଯୋଜନାର ପ୍ରଚାର ପ୍ରସାରରେ ବାଧକ ସାଜିଛନ୍ତି ହରିଚନ୍ଦନପୁର ବିଡିଓ । ସାମ୍ବାଦିକ ବନ୍ଧୁ ମାନଙ୍କୁ ଡାକିଲେ ନାହିଁ, ଏଣେ ମିଡିଆ ମ୍ୟାନେଜମେଂଟ ବାବଦକୁ ଆସିଥିବା ଅର୍ଥରାଶି ସବୁ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି । ବିଡ଼ିଓଙ୍କୁ ସାମ୍ବାଦିକମାନେ ପଚାରିବାରୁ ମିଡ଼ିଆ ବୁମ୍ ଠେଲି କୌଣସି ଉତର ନରଖି ଦୌଡି ଚାଲି ଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବିଡିଓ ମଳୟ କୁମାର ନାୟକଙ୍କ ନାମରେ । ରାଜ୍ୟରେ ଅୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏପ୍ରିଲ ୧୧ ତାରିଖରେ ଶୁଭାରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବହୁଳ ମାତ୍ରାରେ ପ୍ରଚାର ପ୍ରସାର କରିବା ନିମନ୍ତେ ପ୍ରତି ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡିଓ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ନିମନ୍ତେ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ହୋଇଥିଲା । ଏହି ପରିପେକ୍ଷୀରେ ହରିଚନ୍ଦନପୁର ବ୍ଲକର ୫ଟି ସ୍ଥାନରେ ଆୟୋଜିତ ହୋଇଥିଲା । ବ୍ଲକ ସ୍ତରରେ ସରକାରଙ୍କ ଏହି ସ୍ୱାସ୍ଥ୍ୟ ଭିତିକ ଯୋଜନାର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ତରଫରୁ ଗଣମାଧ୍ୟମ ପ୍ରତିନିଧିମାନେ ସହଯୋଗ କରିବା ପାଇଁ ଜଣାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ରହିଥିଲା । ସେଥିପାଇଁ ମିଡିଆ ମ୍ୟାନେଜମେଂଟ ବାବଦକୁ ପ୍ରତି ପୋଗ୍ରାମ ପିଛା ୫୦୦୦ ଟଙ୍କା ଖର୍ଚ୍ଚ ନିମନ୍ତେ ସ୍ୱତନ୍ତ୍ର ବଜେଟ ରହିଥିଲା । ମିଡିଆ ମ୍ୟାନେଜମେଂଟ ବାବଦକୁ ଆସିଥିବା ଅର୍ଥ ରାଶିକୁ ଚଳୁ କରିବା ମନବୃତି ନେଇ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବିଡିଓ କୌଣସି ସମ୍ବାଦିକଙ୍କୁ ଖବର ପ୍ରସାରଣ ପାଇଁ ନଜଣାଇ ସରକାରଙ୍କ ଦୁଇ ଲୋକପ୍ରିୟ ଯୋଜନା ଆୟୁଷ୍ମାନ ଓ ଗୋପବନ୍ଧୁ ଦେଓ ମୁକ୍ତ ସ୍ୱାସ୍ଥ୍ୟ ଭିତିକ ଯୋଜନାର ପ୍ରଚାର ପ୍ରସାର କଲେ ନାହିଁ । ଏଥିସହ ମିଡିଆ ମ୍ୟାନେଜମେଂଟ ପାଇଁ ଆସିଥିବା ଅର୍ଥ ରାଶିକୁ ଲୁଟ କରିବା ସହ କାର୍ଯ୍ୟକ୍ରମକୁ ନିମ୍ନମାନର କରି ଆସିଥିବା ଅନୁଦାନ ରାଶିରୁ ୭୦ ପ୍ରତିଶତ ଟଙ୍କା ହରିଲୁଟ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହି ଘଟଣା ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ କୌଣସି ଉତର ନରଖି ବୁମ ଠେଲିଦେଇ ଦୌଡି ପଳାଉଛନ୍ତି । ଏଠାରେ ଆମେ କହି ରଖୁଛୁ ପଡୋଶୀ ଘଟଗାଁ, ପାଟଣା ଓ ସାହାରପଡା ବ୍ଲକରେ ଗଣମାଧ୍ୟମକୁ ଯୋଜନାର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଚିଠି କରାଯାଇଛି । ଏହି ବ୍ଲକ କ'ଣ ଓଡିଶା ବାହାରେ ନା ବିଡ଼ିଓ ମହାଶୟ ସରକାରୀ ବିରୋଧୀ, ଲୋକପ୍ରିୟ ସରକାରଙ୍କୁ ବଦନାମ କରୁଛନ୍ତି କାହିଁକି । ଏ ଘଟଣା ବାବଦରେ ସରକାରୀ ଦଳର ଆଗ ଧାଡିର ବରିଷ୍ଠ କର୍ମୀଙ୍କ ମତାମତ ଆମେ ନେଇଛୁ । ସମସ୍ତଙ୍କର ମତ ଏପରି ବିଡିଓଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଦେଖାଯାଉ କାର୍ଯ୍ୟାନୁଷ୍ଠାନ ହେଉଛି ନା ଗଳା ବାଟଦେଇ ବିଡିଓ ବାବୁ ଖସି ଯାଉଛନ୍ତି ।

# ରାଜ୍ୟ ସ୍ତରୀୟ ଜୁନିୟର ରେଡକ୍ରସର ଅଣପ୍ରଶିକ୍ଷିତ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜୟପୁର,୨୭/୪(ନି. ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ସେମିଳିଗୁଡା ଠାରେ ଜୁନିୟର ରେଡକ୍ରସ ଅଣପ୍ରଶିକ୍ଷିତ ପରାମର୍ଶ ଦାତା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି । ସେମିଳିଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ଚମେଲି ମଜୁମଦାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଜୁନିଅର୍ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ , ଗଜପତି ଜିଲ୍ଲା ଜୁନିଅର୍ ରେଡକ୍ରସ୍ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ । ସମ୍ପାଦକ ଭାବରେ ଜିଲ୍ଲା ଜୁନିଅର୍ ରେଡକ୍ରସ୍ ଅଧିକାରୀ ହରେକୃଷ୍ଣ ମହାରଣା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାଥମିକ ଉପଚାରର ଗୁରୁତ୍ୱ , ଟ୍ରାଫିକ ନିୟମ, ରେଡ କ୍ରସର ବିଭିନ୍ନ ସମାଜ ମଙ୍ଗଳକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା ଆରମ୍ଭ କରାଯାଇଥିଲା । ଶିକ୍ଷୟତ୍ରୀ ନିବେଦିତା ମହୋଦୟା ସ୍ୱାଗତ ଭାଷଣ ଓ ମଂଚ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୫୧ ଜଣ ପରାମର୍ଶଦାତା ଓ ପରାମର୍ଶଦାତ୍ରୀ ଉପସ୍ଥିତ ଥିଲେ ।

# ପୁରୀ ଜିଲ୍ଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ,୨୭/୪(ନି. ପ୍ର): ଷ୍ଟେସନ ଛକ ରେଲୱେ କଲ୍ୟାଣ ମଣ୍ଡପ ଠାରେ ଟାଏକୋଣ୍ଡୋ ଆସୋସିଏସନ ଅଫ ପୁରୀର ୧୮ ତମ କିରୋଗୀ ଓ ଦଶମ ପୁମସି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲମ୍ପିକ ସଂଘର କୋଷାଧକ୍ଷ ରବିଶଙ୍କର ପ୍ରତିହାରୀ, ଓଡିଶା ଟାଏକୋଣ୍ଡୋ ସଂଘର ବ୍ୟୋମକେଶ ଅଭିଲାଷ ପ୍ରସାଦ, ପୁରୀ ବଂକ୍ସି ଏକାଡେମୀର ସୁଦର୍ଶନ ସାହୁ ଯୋଗଦେଇ ଆତ୍ମ ରକ୍ଷା ପାଇଁ ଏହି କ୍ରୀଡାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ପୁରୀ ଜିଲ୍ଲାର ପିପିଲି, କୋଣାର୍କ, ସାକ୍ଷୀଗୋପାଳ, ସାତଶଙ୍ଖ, ସାତପଡା, ପୁରୀ ସଦର ଓ ପୁରୀ ସହରର ୧୧ଟି ଏକାଡେମୀରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ । ସୁପର ସବ୍ ଜୁନିୟର ୪ ରୁ ୭ ବର୍ଷ, ସବ୍ ଜୁନିୟର ୮ ରୁ ୧୧ବର୍ଷ , କ୍ୟାଡେଟ ୧୨ ରୁ ୧୪ବର୍ଷ, ଜୁନିୟର ୧୫ ରୁ ୧୭ ବର୍ଷ ଓ ସିନିୟର ୧୭ ବର୍ଷରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଟାଏକୋଣ୍ଡୋ କ୍ରୀଡା ପ୍ରଦର୍ଶିତ କରିଥିଲେ । ଓଡିଶା ଟାଏକୋଣ୍ଡୋ ସଂଘ ପକ୍ଷରୁ ୧୮ ଜଣ ଜାତୀୟ ରେଫରୀ ଓ ୫ ଜଣ ଅଫିସିଆଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ଆମକୋ ସିମକୋ ସ୍ମୃତି ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୭/୪(ନି. ପ୍ର): ଆମକୋ ସିମକୋର ନରସଂହାର ଅନନ୍ୟ ହୋଇଥିଲେ ମଧ ଏହାକୁ ସମୁଚିତ ସମ୍ମାନ ମିଳିନଥିବା ଯେତିକି ଦୁଃଖଦାୟକ ସେତିକି ଲଜ୍ଜାଜନକ ବୋଲି ଆଜିର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୁଲ୍ୟରେ ଆମକୋ ସିମକୋ ଦିବସ ପାଳନ ଅବସରରେ ଐତିହାସିକ ଦୀପକ କୁମାର ପଣ୍ଡା କହିଲେ ଯେ, ଜନ ଅଧିକାର ପାଇଁ ଅସହଯୋଗ ଆନ୍ଦୋଳନ କରୁଥିବା ନୀରିହ ଆଦିବାସୀଙ୍କ ଗଣହତ୍ୟା ତତ୍କାଳୀନ ସମୟର ଅତ୍ୟନ୍ତ ବିରଳ ଘଟଣା ବ୍ରିଟିଶ ସରକାରଙ୍କ ପରାମର୍ଶରେ ଗାଙ୍ଗପୁର ରାଜ୍ୟ ସରକାର ଆଦିବାସୀଙ୍କ ଖୁଂଟକଟି କୃଷି ପରମ୍ପରା ଉପରେ ଅଯଥା ହସ୍ତକ୍ଷେପ କରିଥିଲେ । ଆଦିବାସୀଙ୍କ ଉପରେ ଆକ୍ରୋଶତା ପୂର୍ବକ ରାଜସ୍ୱ ଦେୟର ବୋଝ ସାଙ୍ଗକୁ ଅନ୍ୟାନ୍ୟ କଟକଣା ପ୍ରୟୋଗ କରାଯାଇଥିଲା । ପାରମ୍ପାରିକ ବିଧି ଓ ସ୍ୱାଧୀନତାର ହନନ ହେବା ଫଳରେ ଆଦିବାସୀମାନେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଆଦିବାସୀ ଆପତି ସଂଗଠନ ଗଢି ଅସହଯୋଗ ଆନ୍ଦୋଳନ ଚଳାଇବାକୁ ବାଧ ହୋଇଥିଲେ । ୧୯୩୯ ଫେବୃଆରୀ ତାରିଖରେ ରାଜ୍ୟ ସରକାର ସର୍ଗପାଲିରେ ସଭା ଆହ୍ୱାନ କରିଥିଲେ । ଏଠାରେ ୧୩ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଥିଲା । ହେଲେ ପୁଣି ଥରେ ୧୯୩୯ ଏପ୍ରିଲ ୨୫ ତାରିଖରେ ଆମକୋ ଗାଁ ପାଖ ସିମକୋ ଗ୍ରାମରେ ରାଜ୍ୟ ପକ୍ଷରୁ ଆଲୋଚନା ସଭା ଆହ୍ୱାନ କରାଯାଇଥିଲା । ମାତ୍ର ବ୍ରିଟିଶ ସଶସ୍ତ୍ର ପୋଲିସ ବାହିନୀ ସମବେତ ଜନତା ଉପରେ ଆଖିବୁଜା ଗୁଳି ଚାଳନା କରିଥିଲେ । ଏଥିରେ ୫୫ ଜଣ ପ୍ରାଣ ହରାଇଥିଲେ ଏବଂ ୯୨ ଜଣ ଗୁରୁତର ଆହତ ହୋଇଥିଲେ । ଅନ୍ୟତମ ଅତିଥି ସୁଭାଷ ପାଣିଗ୍ରାହୀ କହିଲେ, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଏ ଘଟଣା ବାବଦରେ କୌଣସି ଆଲୋଚନା ହୋଇନାହିଁ । ଗତ କିଛି ବର୍ଷ ହେବ ଏ ସମ୍ପର୍କରେ ଲୋକେ ଜାଣିବାକୁ ପାଇଛନ୍ତି । ଆମକୋ ସିମକୋରେ ଏବେ ଏକ ସ୍ମାରକୀ ନିର୍ମିତ ହୋଇଛି । କିନ୍ତୁ, ଏହାକୁ ଭବ୍ୟ ଆକାର ଦେବାକୁ ହେବ ତଥା ଏଠାରେ ଏକ ଆଦିବାସୀ ସଂଗ୍ରହାଳୟ ସ୍ଥାପନ କରିବାକୁ ହେବ ବୋଲି ଦୃଢ଼ ମତ ପ୍ରକାଶ କରାଯାଇଥିଲା । ଭବ୍ୟ ସ୍ୱରୂପ ହେଲେ ଲୋକେ ସେଠାକୁ ପରିଦର୍ଶନରେ ଯିବେ । ଏ ଦିଗରେ ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିଛି । ରାଜ୍ୟର ଗୌରବ ରକ୍ଷାକୁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ । ସାଂସ୍କୃତିକ ସମାଜର ସଭାପତି ଡ଼. ପରେଶ ଚନ୍ଦ୍ର ଦାନୀ ଏଥିରେ ଅଧକ୍ଷତା କରିଥିଲେ । ସମ୍ପାଦକ ଦିନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଓ ଲଳିତ ବେବର୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୫୫ ଲିଟର ଚୋରା ମଦ ଜବତ: ୪ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୨୭/୪(ନି. ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱେର ବିଭାଗ ପକ୍ଷରୁ ପଟକୁରା ଓ ମହାକାଳପଡ଼ା ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ଆୟବା ଗ୍ରାମର ମିତିକା ସାହୁଙ୍କ ଠାରୁ ୫୬ ଲିଟର ବିଦେଶୀ ମଦ ଓ ଭରତ ମଲିକଙ୍କ ଠାରୁ ୨୭ ଲିଟର ଦେଶୀ ମଦ, ତାଲସଙ୍ଗା ଗ୍ରାମର ନରେନ୍ଦ୍ର ମଲିକଙ୍କ ଠାରୁ ୩୭ ଲିଟର ବିଦେଶ ମଦ ଏବଂ ଚଢେଇଗୁଆଁ ଗ୍ରାମର ରତ୍ନାକର ସାହୁଙ୍କ ଠାରୁ ୩୫ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୧୫୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା ଶ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚନ ନାୟକ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଭିଟାମାଟି ଓ ଜୀବନ-ଜୀବିକା ଧ୍ୱଂସ କରି ଖଣି ଖନନ ଯୋଜନା ବିରୋଧରେ ବିଜାଲି ଗ୍ରାମରେ ପ୍ରତିବାଦ ସଭା

କନ୍ଧମାଳ,୨୭/୪(ନି. ପ୍ର): ଆମର ଖଣି ଦରକାର ନାହିଁ, ଆମ ପାଇଁ ଜୀବନ ଓ ଜୀବିକା ମୂଲ୍ୟବାନ । ଏଠି ଖଣି ଖନନ ହେଲେ କେବଳ ବିଜାଲି ନହୁଁ, ସାରା ହାତୀମୁଣ୍ଡା ଗ୍ରାମପଂଚାୟତ ସେମତ ପେଡାଶୀ ତାଜୁଙ୍ଗୀ, ଗଦାପୁର ଓ ବହୁ ଅଂଚଳର ଲୋକେ ବିସ୍ଥାପିତ ହେବେ । ଆଦିବାସୀ ଲୋକମାନେ ସେମାନଙ୍କ ଭିଟାମାଟି ଓ ଜୀବନ-ଜୀବିକାରୁ ବିସ୍ଥାପିତ ହେଲ, ଯେେତ କ୍ଷତିପୂରଣ ଦେେଲ ମଧ ସେମାନେ ବଂଚି ପାରିବେ ନାହିଁ । ତେଣୁ କୌଣସି ପରିସ୍ଥିତିରେ ଆମେ ଆମ ଗ୍ରାମରେ ଖଣି ଖନନ କରାଇ ଦେବୁନାହିଁ । ଏକଥା ଆଜି ଦାରିଙ୍ଗବାଡି ବ୍ଲକ ଅନ୍ତଗର୍ତ ହାତୀମୁଣ୍ଡା ଗ୍ରାମପଂଚାୟତର ବିଜାଲି ଗ୍ରାମେର ଆୟୋଜିତ ପ୍ରତିବାଦ ସଭାରେ ଦୋହରାଇଛନ୍ତି ଗ୍ରାମର ମୁଖିଆ ସନା ମଳିକ, ୱାର୍ଡ ମେମ୍ବର ସସ୍ମିତା ମଳିକ ଏବଂ ଜଙ୍ଗଲ ଅଧିକାର କମିଟିର ସଂପାଦକ ପାତ୍ର ମଳିକ ପ୍ରମୁଖ । ଏ ସମ୍ପକର୍ରେ ଅନୁସନ୍ଧାନରୁ ଜଣାପଡିଛି ଯେ, ଗତ କିଛିଦିନ ଧରି ହାତୀମୁଣ୍ଡା ଗ୍ରାମପଂଚାୟତର ବିଜାଲି ଗ୍ରାମରେ ବ୍ରହ୍ମପୁର ଜିଓଲଜିକାଲ୍ ସର୍ଭେ କାର୍ଯ୍ୟାଳୟ ପକ୍ଷରୁ ସେ ଅଂଚଳରେ ଗ୍ରାଫାଇଟ୍ ଥିବାରୁ ସର୍ଭେ କାମ ଚାଲୁ ରହିଛି । କିନ୍ତୁ, ସେ ସମ୍ପର୍କରେ ବିଜାଲି ଗ୍ରାମବାସୀ ମାନଙ୍କ ସହ କୌଣସି ପରାମର୍ଶ କରାଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧରେ ଖଣି ଖନନ ହେଲେ ବିସ୍ଥାପିତ ହେବାର ଆଶଙ୍କା ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନସାଧାରଣଙ୍କ ମଧରେ ତୀବ୍ର ଅସେନ୍ତାଷ ସୃଷ୍ଟି କରିଛି । କନ୍ଧମାଳ ଜିଲ୍ଲା ଏକ ଅନୁସୂଚିତ ଅଂଚଳ ହୋଇଥିବାରୁ ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ପେସା ଆଇନ୍ -୧୯୯୬ ଅନୁଯାୟୀ ସେ ଅଂଚଳରେ କୌଣସି ବିକାଶମୂଳକ କାର୍ଯ୍ୟ ଏପରିକି ତା'ର ପ୍ରାରମ୍ଭିକ ସର୍ଭେ ହେବା ପୂର୍ବରୁ ଗ୍ରାମସଭାର ଅନୁମୋଦନ ଜରୁରୀ । କିନ୍ତୁ, ଏ କ୍ଷେତ୍ରରେ ତାହାର ଚରମ ଉଲ୍ଲଂଘନ କରାଯାଇଛି । ଗ୍ରାମବାସୀଙ୍କୁ ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସୂଚନା ମଧ ଦିଆଯାଇ ନାହିଁ । ଅନ୍ୟପକ୍ଷରେ ଲୋକଙ୍କ ଅସନ୍ତୋଷ ତଥା ବିରୋଧ ଯୋଗୁଁ ବ୍ରାହ୍ମଣୀଗାଁ ରାଜସ୍ୱ ନିରୀକ୍ଷକ ଓ ଥାନା ଜରିଆରେ ଲୋକଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି । କିନ୍ତୁ କୌଣସି ପରିସ୍ଥିତିରେ ଲୋକମାନେ ଡରି ନଯାଇ ସେମାନଙ୍କ ଭିଟାମାଟି, ପ୍ରକୃତି ତଥା ପରିବେଶର ସୁରକ୍ଷା ପାଇଁ ଏକଜୁଟ ହେବାକୁ ଆଜିର ସଭାରେ ଘୋଷଣା କରାଯାଇଛି । ଏହି ସଭାକୁ ଜଙ୍ଗଲ ଅଧିକାର କମିଟିର ସଂପାଦକ ପାତ୍ର ମଳିକ ସଂଯୋଜନା କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଚାଷୀ ମୂଳିଆ ସୁରକ୍ଷା ସମିତିର ଉପେଦଷ୍ଟା ତଥା ଏନ.ଏ.ପି.ଏମ୍. ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ ।

# ପହଲଗାମ ଆକ୍ରମଣକୁ ନିନ୍ଦା ଓ ସାମୁହିକ ଦୀପଦାନ

ବଲାଙ୍ଗିର,୨୭/୪(ନି. ପ୍ର): ବଲାଙ୍ଗିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦ୍ୟଶକ୍ତି ନାରୀ ସଂଗଠନ ତରଫରୁ କାଶ୍ମୀରର ପହଲଗାମ ଠାରେ ବର୍ବରୋଚିତ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ଆମର ଆତ୍ମାର ସଦ୍‌ଗତି ନିମନ୍ତେ ଲକ୍ଷ୍ମୀନାରାୟଣ ମନ୍ଦିର ଠାରେ ସାମୁହିକ ଦୀପଦାନ ଓ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅନେକ ବକ୍ତା ପାକିସ୍ତାନର ଏହି ଆମାନୁଷିକ ନାରକୀୟ ହତ୍ୟାକାଣ୍ଡକୁ ଦୃଢ ନିନ୍ଦା କରିବା ସହିତ ଆତଙ୍କବାଦୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ । ଏହି ସାମୁହିକ ପ୍ରାର୍ଥନାରେ ମିନତିପ୍ରଭା ଗୁରୁ, ମିନାକ୍ଷୀ ଗୁରୁ, ଅନିତା ମିଶ୍ର, ମାଧୁରୀ କୁଅଁର, ରୀନାରାଣୀ ଶତପଥି, ସଂଯୁକ୍ତା ମିଶ୍ର, ଚିନ୍ମୟୀ ଉଦ୍‌ଗାତା, ରଞ୍ଜୁ କ୍ଷେତୀ, ମାଳତି ଉଦ୍‌ଗାତା, ରାଜଲକ୍ଷ୍ମୀ ତ୍ରିପାଠୀ, ସାଗାରିକା ଗୁରୁ ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପୂଜ୍ୟପୂଜା ସେବା ସଂଗଠନର କର୍ମକର୍ତା ସହଯୋଗ କରିଥିଲେ ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

ସମ୍ବଲପୁର,୨୭/୪(ନି. ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଅଭିଷେକ କିସାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗ ସହାୟକ ନିର୍ଦ୍ଦେଶକ ରବୀନ୍ଦ୍ର ଦଳାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରେଣୁବାଳା ନନ୍ଦ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟକ ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଗଣେଶ ରାମ ନାହାକଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସଂଯୁକ୍ତା କୁଲ୍ଲୁ ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି, ଡେପୁଟି କଲେକ୍ଟର ଅଭିଷେକ କିସାନ ନିଜ ଅଭିଭାଷଣରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶିକ୍ଷା, ଓଡ଼ିଆ ଭାଷା ଓ ସଂସ୍କୃତ ଏବଂ କୃଷି, ପ୍ରତି ତାଙ୍କ ଅବଦାନ କୁ ଉଲ୍ଲେଖ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଓଡ଼ିଆ ଭାଷା ଆଉ ଓଡ଼ିଆ ଭାଷାଭାଷୀ ରାଜ୍ୟ ଗଠନ କରିବା ପାଇଁ ବହୁତ ଅବଦାନ ରହିଛି । ବର୍ତମାନ ତାଙ୍କ ଅବଦାନକୁ ମନେ ପକାଇବା ଏବଂ ଆମ ଭାଷା ଓ ସଂସ୍କୃତିକୁ ବଜାଇ ରଖିବା ପାଇଁ ଚେଷ୍ଟା କରିବା ପାଇଁ କହିଥିଲେ । ମୁଖ୍ୟବକ୍ତା ଗଣେଶ ରାମ ନାହାକ ନିଜେ ଅଭିଭାଷଣରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ ଉପରେ ଉଲ୍ଲେଖ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଅନେକ ଜୀବନକୁ ସୃଜନଶୀଳ କରିବାକୁ ପ୍ରୋତ୍ସାହିତ କରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଆଗକୁ ବଢେଇବାରେ କର୍ଣ୍ଣଧାର ସାଜିଥିଲା । ବରପୁତ୍ରଙ୍କ ଜୀବନୀ ଜାଣିବାରେ କୁଣ୍ଠାବୋଧ ନକରିବାକୁ ବର୍ତମାନର ଯୁବପିଢିକୁ ଉପଦେଶ ଦେଇଥିଲେ । କୃଷ୍ଣଚନ୍ଦ୍ର ଗଜପତି ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିକରଣର ବୀଜ ବୁଣିଥିଲେ ବୋଲି କହିଥିଲେ । କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ଭାଷା ବଂଚେଇବା ପାଇଁ ବିଶିଷ୍ଟ ଅବଦାନ ଦେଇଥିଲେ । ଆଧୁନିକ ଓଡ଼ିଶାର ନିର୍ମାତା ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅନୁଷ୍ଠିତ ଗୋଲଟେବୁଲ ସମ୍ମିଳନୀରେ ତାଙ୍କର ଐତିହାସିକ ଭାଷଣ ବ୍ରିଟିଶ ସରକାରଙ୍କୁ ଓଡ଼ିଆଙ୍କ ଦାବିର ନ୍ୟାୟପୂର୍ଣ୍ଣତା ବିଷୟରେ ଆଲୋକପାତ କରିଥିଲା । ସେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରି ରାଜ୍ୟରେ ଶିକ୍ଷା, କୃଷି, ଗମନାଗମନ ଓ ସାଂସ୍କୃତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମହାରାଜାଙ୍କ ଦୂରଦୃଷ୍ଟି ଓ ତ୍ୟାଗ ଆଜି ମଧ ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଜୟନ୍ତୀ ଅବସରରେ ସମସ୍ତେ ଏକତ୍ରିତ ହୋଇ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ସଂକଳ୍ପ ନେବା ଉଚିତ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତ ଅଭିଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ,୨୭/୪(ନି. ପ୍ର): ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ ଶନିବାର ପୂର୍ବାହ୍ନରେ ଅବକଶ ଲେନ ସ୍ଥିତ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ର ଅଧକ୍ଷତା କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୃତକଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଓଡିଶାର ଲେଖା ନିୟନ୍ତ୍ରକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶିକ୍ଷା ଅଧିକାର ଓ ଶିକ୍ଷକ ସଂପର୍କରେ ଆଲୋକପାତ କରିଥିଲେ । ଅବସର ପରେ ପେନସନ, ଭବିଷ୍ୟନିଧି ଅର୍ଥ ଶୀଘ୍ର ମିଳିବା ପାଇଁ ଦାବି କରିଥିଲେ । କେତେକ ଶିକ୍ଷକଙ୍କ ଭବିଷ୍ୟନିଧି ଅର୍ଥ ସେମାନଙ୍କ ଆକାଉଂଟକୁ ନଯାଇ କୋଟି କୋଟି ଟଙ୍କା ମିସିଙ୍ଗ କ୍ରେଡିଟ ହୋଇଯାଉଥିବା ଅଭିଯୋଗ ହୋଇଥିଲା । ଶିକ୍ଷକ ଅବସର ଦିନ ଫାଇନାଲ ପେନସନ ଦେବା ପାଇଁ ଦାବି ହୋଇଥିଲା । ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା,ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ବ୍ରହ୍ମାନନ୍ଦ ଦାସ, ସନ୍ତୋଷ କୁମାର ମହାନ୍ତି, ମିନତୀ ଓତା, ଆଶାଲତା ପ୍ରଧାନ, ଅଞ୍ଜଳି ରଥ,ସୁରେନ୍ଦ୍ର ଜେନା, ଜୟନ୍ତ ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରଠାରେ ସାମ୍ବାଦିକ ସମ୍ମିଳନୀ



ବଡ଼ସାହି , ୨୭/୪ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ବିଜିପୁର ଠାରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଠାରେ ଡ଼ା. କିଶୋର ଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଏକ ଗଠନ ମୂଳକ ସମାଜସେବା ତଥା ଶିକ୍ଷା କ୍ଷେତ୍ରରେ ବଡ଼ସାହି ଅଞ୍ଚଳରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବରିଷ୍ଠ ବିଭିନ୍ନ ଗଣମାଧ୍ୟମରେ ର ସାମ୍ବାଦିକ ବନ୍ଧୁମାନେ ଯୋଗ ଦେଇ ନିଜ ନିଜର ସହଯୋଗ ଓ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଏଥିରେ ଅରୁଣ କୁମାର ଓତା , ଡକୁର କୁମାର ବାବୁଲି, ନିରଂଜନ ମହାନ୍ତ, ସୁମନ କୁମାର ବେହେରା, ହରିଶ ଚନ୍ଦ୍ର ସାମନ୍ତରାୟ , ମନୋଜ କୁମାର ପଣ୍ଡା, ଛତିଶ କୁମାର ସାହୁ, ଦୀପକ ବୁଗୁଡେଇ , ସୁରେଶ ପତି, ଶାନ୍ତନୁ ପଣ୍ଡା, ସଞ୍ଜୟ ମିଶ୍ର, ଦୀପକ ସିଂହ ସହିତ ସର୍ବେଶ୍ୱର ଜେନା, ଅଶୋକ ମହାପାତ୍ର, କରୁଣା କର ମହାପାତ୍ର ଓ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ ଗଣମାଧ୍ୟମ ବନ୍ଧୁମାନେ ଅନୁଷ୍ଠାନ ର ବହୁ କାର୍ଯ୍ୟକ୍ରମ ର ପ୍ରଶଂସା କରିବା ସହିତ ଶିକ୍ଷା କ୍ଷେତ୍ରରେ ଗ୍ରାମାଞ୍ଚଳରେ ମାଗଣା ଶିକ୍ଷା ଗ୍ରୀଷ୍ମ କାଳୀନ କୋଚିଂ ଓ ସୁପର ୩୦ ପରିକଳ୍ପନା ରେ ଅନ୍ୟ ଅଞ୍ଚଳର ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଯୋଡିବା ଓ ଦଶମ ଶ୍ରେଣୀ କୁ ସାମିଲ କରିବା ପାଇଁ ମତ ରଖିଥିଲେ।ଏଥି ସହିତ ପାଠପଢ଼ା ବ୍ୟତୀତ ଚିତ୍ରକଳା, ନୃତ୍ୟ, ସଂଗୀତ ଅନ୍ୟାନ୍ୟ କଳାତ୍ମକ ଦିଗ ଏଥିରେ ସାମିଲ କରିବା ଏବଂ ଏହି ଅନୁଷ୍ଠାନ ର ବହୁମୁଖୀ ଉତ୍କୃଷ୍ଟ ଚିନ୍ତାଧାରା ରେ ସାମିଲ ହୋଇ ସମାଜର ଉନ୍ନତି ପାଇଁ କାମ କରିବା ନିମନ୍ତେ ସହଯୋଗ କରିବେ ବୋଲି ମତପୋଷଣ କରିଥିଲେ। ଏହି ଅନୁଷ୍ଠାନ ରେ ପାଚେରୀ ତଥା ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ପରିସ୍ରାଗାର ବ୍ୟବସ୍ଥା ନଥିବାରୁ କ୍ଷୋଭ ପ୍ରକଟ କରି ଏ ବିଷୟରେ ସବୁ ସ୍ତରରେ ଚେଷ୍ଟା କରିବେ ବୋଲି କଥା ଦେଇଥିଲେ। ସମସ୍ତ ଗଣମାଧ୍ୟମ ବନ୍ଧୁମାନେ ଆସି ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ପରବର୍ତ୍ତୀ ସମୟରେ ଏଠାକୁ ଆସିବାକୁ ଅନୁରୋଧ କରାଯାଇଥିଲା।

## ଓଡ଼ିଆ ଅସ୍ମିତା ଓ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ଉତ୍କଳ ଜନନୀର ପୂର୍ଣ୍ଣାଙ୍ଗ ରୂପ ପ୍ରତିଷ୍ଠା ପାଇଁ ଜାତୀୟ ଆନ୍ଦୋଳନର ପ୍ରାଣପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଦୁର୍ବାର ଅଭିଯାନ। ଉତ୍କଳୀୟ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗଢ଼ିଥିଲେ ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ।ଜାତୀୟତାର ମହାପ୍ରବାହ ସୃଷ୍ଟି କରିବାର ଆକାଂକ୍ଷା ନେଇ ଲେଖିଥିଲେ ପ୍ରାଣ ନିଗିଡ଼ା କବିତା।ଜାତୀୟ ବିକାଶ,ଜାତୀୟ ସମସ୍ୟା,ଜାତୀୟ ଚରିତ୍ର,ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ସଂକଳ୍ପ ନେଇ ସମ୍ମିଳନୀ ମଣ୍ଡପରୁ ଗାଇଥିଲେ 'ଏଇ ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ,ତୋର ପ୍ରାଣ ବିନ୍ଦୁ ମିଶେଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ'। ଗଭୀର ଜାତୀୟତାବୋଧର ଉଦବେଳନ ନେଇ ଭାବିଲେ ମନେହୁଏ ଏହା କେବେବି ଜଣେ ସାଧାରଣ କବିର ଆହ୍ୱାନ ନୁହେଁ,ବରଂ ଜଣେ ମହାମାନ୍ତ୍ରିକ ସଞ୍ଜିବନୀ ମନ୍ତ୍ର,ଯେଉଁ ମନ୍ତ୍ର ର ଯାଦୁକରୀ ମାୟାରେ ଦିନେ ଚେଇଁ ଉଠିଥିଲା ସମଗ୍ର ଓଡ଼ିଆ ଜାତି।

ତାଙ୍କରି ଲେଖନୀ ନିସୃତ କବିତା ଏବେ ବି ଓଡ଼ିଆଙ୍କ କାନରେ ଠାଇ ଠାଇ ହୋଇ ବାଜେ-

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହାସ
ପଡ଼ିବକି କେବେ ମନେ ?'

ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି । ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା' । ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ । ଏହି ମହାପୁରୁଷ,ଓଡ଼ିଆ ମାଟି ର ସ୍ୱାଭିମାନ କୂଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୩୪ ମସିହା ଫେବୃଆରୀ ୪ ତାରିଖ ରେ ଓଡ଼ିଶା ବାସୀଙ୍କୁ ଶୋକସାଗରରେ ଭସାଇ ଚାଲିଗଲେ।ଆଜି ତାଙ୍କର ଜୟନ୍ତୀ ଅବସରରେ ମୋର ଭୂମିଷ୍ଠ ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ।

ସମ୍ପାଦକ, ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ମୋବାଇଲ ନଂ- ୬୩୭୦୨୦୮୪୨୮

# ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ପକ୍ଷରୁ ନିରବ ପ୍ରାର୍ଥନା




ବାଲିଆପାଳ, ୨୭/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ବସ୍ତା, ବାଲିଆପାଳ ତରଫରୁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ କୁ ନିନ୍ଦା କରାଯାଇଛି । ଆକ୍ରମଣ ରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ଅଫିସରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଫାଉଣ୍ଡେସନର ସଭାପତି ଶିବଶଙ୍କର ନାୟକ ଆବାହକତ୍ୱରେ ଅନୁଷ୍ଠାନ ହୋଇଥିଲା । ଫାଉଣ୍ଡେସନ ରେ ସଦସ୍ୟ ମାନେ ଉପସ୍ଥିତ ରହି ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏ ଭଳି ନାରକୀୟ ଘଟଣାକୁ ନିନ୍ଦା କରିବା ସହିତ ଦେଶର ଅଖଣ୍ଡତା ଶାନ୍ତି ବାତାବରଣକୁ ନଷ୍ଟ କରୁଥିବା ଆତଙ୍କବାଦୀ କୁ ଦୃଢ ହସ୍ତରେ ଦମନ କରିବାକୁ ମତ ଦେଇଥିଲେ । ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭା ରେ ଫାଉଣ୍ଡେସନ ରେ ଉପସଭାପତି ଜ୍ୟୋତିର୍ମୟୀ ପାତ୍ର, ସଂପାଦକ ସନାତନ ଗଙ୍ଗାଇ, ସୁଲୋଚନା ଗିରି , ବର୍ଷା ରାଣୀ ଦଲାଇ , ଦମୟନ୍ତୀ ସିଂହ, ପଙ୍କଜ କୁମାର ସାହୁ, ବିରକିଶୋର ଜେନା , ଜିତେନ୍ଦ୍ର ମହାନ୍ତି , ବିଜୟ କୁମାର ଦାସ , ଜଗନ୍ନାଥ କୁହ୍ଲାରୀ , ବାପୁନ୍ ସିଂହ ,କିରଣ ଜେନା , ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

# ଶହୀଦ୍ ପ୍ରଶାନ୍ତ ଶତପଥୀଙ୍କ ନିଧନରେ ଶୋକସଭା

ବାଲେଶ୍ୱର, ୨୭/୪ (ନି.ପ୍ର): ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦଭବନରେ ସଂସଦର ସଦସ୍ୟମାନଙ୍କ ଦ୍ୱାରା ଦିବଙ୍ଗତ ପ୍ରଶାନ୍ତ ଶତପଥିଙ୍କ ଦାରୁଣ ବିୟୋଗରେ ଅମର ଆତ୍ମା ପାଇଁ ଶ୍ରଦ୍ଧାଞ୍ଜଳି ସହ ଏ ପ୍ରକାର ଆତଙ୍କବାଦୀ କାର୍ଯ୍ୟର ଘୋର ନିନ୍ଦା ପ୍ରକାଶ କରାଯାଇଥିଲା। ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶହୀଦଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ସମୂହ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ନିଜ ନିଜର ବକ୍ତବ୍ୟରେ ଶହୀଦଙ୍କ ପରିବାର ପ୍ରତି ଗଭୀର ସମବେଦନା ସହ ପରିବାରର ସଦସ୍ୟଙ୍କ ଭବିଷ୍ୟତ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ଏ ପ୍ରକାର ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାପାଇଁ ସରକାରଙ୍କୁ ନିବେଦନ କରିଥିଲେ। ଏହି ସଭାରେ ଡା. ସୁଧାଂଶୁ ପରିଡ଼ା, ଉପସଭାପତି ଅନସୂୟା ନାୟକ, ଡ. ଶତ୍ରୁଘ୍ନ ମଲ୍ଲିକ, ଗୋପାଳ ଚନ୍ଦ୍ର ଜେନା, ରମାକାନ୍ତ ମହାନ୍ତି, ରାମପ୍ରସାଦ ପ୍ରଧାନ, ଲକ୍ଷ୍ମୀକାନ୍ତ ଘୋଷ, ରାଜେନ୍ଦ୍ର କିଶୋର ରାୟ, ଯଶୋଦାନନ୍ଦନ ଆଶ୍, ପ୍ରଶାନ୍ତ କୁମାର ପାଢ଼ୀ, ମଧୁସୂଦନ ବେହେରା ଏବଂ ପାର୍ଥସାରଥି ଆଶ ନିଜ ନିଜର ଶ୍ରଦ୍ଧାଞ୍ଜଳି ରଖିଥିଲେ।

## ପୋଲିସ ପକ୍ଷରୁ ଗାଡି ଚେକିଂ

କେନ୍ଦ୍ରାପଡ଼ା, ୨୭/୪ (ନି.ପ୍ର): କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରୁ ଚାରି ଚକିଆ ଓ ଦୁଇ ଚକିଆ ଯାନ ଚୋରୀ ହେଉଥିବାର ବଢିବାରେ ଲାଗିଛି । ଏନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁଙ୍କ ନେତୃତ୍ୱରେ ସମ୍ବେଦନଶୀଳ ଛକ ମାନଙ୍କରେ ଗାଡି ଯାଂଚ କରାଯାଇଛି ।

# ଭୁଲି ହେବନାହିଁ ଗୃହ ବିଜ୍ଞାନ ବିଭାଗର ଆତ୍ମୀୟତାକୁ : ମଞ୍ଜୁଳା କଳିଆ



ଉଦଳା , ୨୭/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ +୩ ଶେଷ ବର୍ଷର ଛାତ୍ରୀମାନଙ୍କର ଏକ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ସମଗ୍ର କପ୍ତିପଦା ଉପଖଣ୍ଡର ଏହା ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ବହୁ ଦୂର ଦୁରାନ୍ତରୁ ଛାତ୍ରୀମାନେ ଏଠାକୁ ପାଠ ପଢିବାକୁ ଆସିଥାନ୍ତି। ତେଣୁ ଏଠାରେ ସହପାଠୀ ମାନଙ୍କୁ ନେଇ ସୃଷ୍ଟି ହେଉଥିବା ମାହୋଲ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଥାଏ। ତେବେ ଆଜିର ଏହି ଉତ୍ସବରେ ଅଧ୍ୟାପିକା ମଞ୍ଜୁଳା କଳିଆ ଅଧ୍ୟକ୍ଷତା କରି ଗୃହ ବିଜ୍ଞାନ ବିଭାଗର ଆତ୍ମିୟତା କିପରି ସମ୍ପୁର୍ଣ୍ଣ ନିଆରା ଅଟେ ବ୍ୟକ୍ତ କରିବା ସହ ଏହାକୁ କେବେ ଭୁଲି ହେବନାହିଁ ବୋଲି କହିଥିଲେ। ଏହାପରେ ବିଦାୟ ନେଉଥିବା ଛାତ୍ରୀମାନେ ନିଜ ନିଜର ଅନୁଭବ କଥନ ସମୟରେ ମହାବିଦ୍ୟାଳୟର ପରିବେଶ, ସହପାଠୀଙ୍କ ମେଳ ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କର ସ୍ନେହ ମମତା ସବୁକିଛି ଆଜି ଆଖି ଆଗରେ ନାଚି ଯାଉଛି। ଯାହାକୁ ଆମେ କେବେ ଭୁଲି ପାରିବୁ ନାହିଁବୋଲି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କୁମ୍‌କୁମ୍ ଦାସ ଓ ଅମିତା ଦାସ ପାଠ ପଢା ଜୀବନର ଏହା ଶେଷଦିନ ନୁହେଁ, ଆଜିଠାରୁ ଆରମ୍ଭ ହେଲାବୋଲି ବ୍ୟକ୍ତ କରିବା ସହ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ପାଠ ପଢା ଜୀବନ ସରି ନଥାଏ ବୋଲି ଭାଷଣ ମାଧ୍ୟମରେ କହିଥିଲେ। ଏହାପରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ବିଦାୟ ନେଉଥିବା ଭଉଣୀ ମାନଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ସହ ଉପହାର ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଧାରାଣୀ ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ।

**AFFIDAVIT**

An affidavit before Notary Public Baliapal, Balasore, I, Gitanjali Rout, D/o- Ananta Jena of Vill- Ratai, Po. - Badakaurda, Via- Langleswar, Ps- Baliapal, Dist- Balasore, PIN- 756024, Aadhaar Card No- 963169520000 declare that my name is Gitanjali Rout which is mentioned my Aadhaar Card No- 963169520000 but mistakenly my name is mentioned/ printed as Gitarani Rout, W/o- Rama Chandra Rout in my UCO Bank, Langaleswar Branch Passbook, Account No- 11970110054413 and IFSC- UCBA0001197. Both Gitanjali Rout and Gitarani Rout are one and same person. Gitanjali Rout, W/o- Rama Chandra Rout is my true, correct and genuine man.

**Gitanjali Rout**

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଓଡ଼ିଆ ପକ୍ଷ ପାଳନ ଉଦ୍‌ଘାଟିତ



ବାଲେଶ୍ୱର, ୨୭/୪ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପନ୍ଦରଦିନ ବ୍ୟାପି ପାଳନ କରାଯିବାକୁ ଥିବା ଭାଷାପକ୍ଷର ଉଦ୍‌ଘାଟନ ଉତ୍ସବ ମାକଳପୁରସ୍ଥିତ ସ୍ରଷ୍ଟା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସଂସ୍କୃତି, ସଂଚାର, ସୂଚନା ଓ ବିଜ୍ଞାନ ମାଧ୍ୟମରେ ଭାଷାକୁ ପ୍ରୋତ୍ସାହିତ ତଥା ସହାୟତା ଓ ଭାଷାର ବିକାଶ କରିବାର ଲକ୍ଷ୍ୟ ନେଇ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ କାମ କରୁଛି ବୋଲି ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପ୍ରକାଶ କରିଥିଲେ। ବିଭିନ୍ନ ଉଦାହରଣ ଦେଇ ସେ ଭାଷାର ଗୁରୁତ୍ୱ ପ୍ରତିପାଦନ କରିଥିଲେ। ଡ. ପ୍ରହ୍ଲାଦ ଚରଣ ମହାନ୍ତି ଆସରକୁ ଉଦ୍‌ଘାଟନ କରି ସମସ୍ତେ ଓଡ଼ିଆ ଭାଷାକୁ ସମ୍ମାନ ପ୍ରଦର୍ଶନ କଲେ ଏହା ସମଗ୍ର ଭାରତବର୍ଷରେ ଶ୍ରେଷ୍ଠ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଗାଳ୍ପିକ ନିବାରଣ ଜେନା ଭାଷା ବିକାଶ ଆନ୍ଦୋଳନ ଅତୀତରେ କରିଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେବା ସଙ୍ଗେସଙ୍ଗେ ଆଗାମୀ ଦିନରେ ଏହା ଆହୁରି ଗତିଶୀଳ ହେବ ବୋଲି କହିଥିଲେ। ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ସାହିତ୍ୟର ବିକାଶ ପାଇଁ ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟ କରୁଥିବାବେଳେ ଭାଷା ପାଇଁ ଏହି ଅନୁଷ୍ଠାନ କାର୍ଯ୍ୟ କରୁଥିବାରୁ ସାଧୁବାଦ ଜଣାଇଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅନୁଷ୍ଠାନ ହାତକୁ ନେଇଥିବା ଭାଷାପକ୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନିରଂଜନ ରାଉତ, ସଂଗଠନ ସଂପାଦକ ତପନ ରାୟ, କୋଷାଧ୍ୟକ୍ଷ ଦୀପକ ବୋଷଙ୍କ ସମେତ ଡ. ଶିରୀଶ ଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, କମଳାକାନ୍ତ ଦାଶ, ପ୍ରଦୀପ କୁମାର ଚାଟାର୍ଜୀ, ରାଜେନ୍ଦ୍ରନାଥ ରାଉତ, ସଂଜୟ ପଣ୍ଡା, ନିରଂଜନ ସାହୁ, ଡ. ଭାଗବତ ପ୍ରସାଦ ଦାସ, ଡ. ସାରଙ୍ଗଧର ତ୍ରିପାଠୀ, ମନ୍ମଥ କୁମାର ସାହୁ, ରିତେଶ କୁମାର ଦାଶ, ଅରୁଣା ରାୟ, ନୃସିଂହ ଚରଣ ନାୟକ, କବିତା ଜେନା, ଅବନ୍ତୀ ପ୍ରଧାନ, ଶାନ୍ତି ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାବିତ ମିହିର ଜେନାଙ୍କ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା

ବାଲିଆପାଳ , ୨୭/୪ (ନି.ପ୍ର): ଆଦର୍ଶ ପ୍ରଧାନ ଶିକ୍ଷକ ମିହିର କୁମାର ଜେନା ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ତାଙ୍କ ରାଉତୁଡା ବାସଭବନରେ ରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଜେନା କୈଳାଶ ଚନ୍ଦ୍ର ଉପ୍ରା ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ।ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ହାଜିରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ସ୍ଥାନୀୟ ସରପଞ୍ଚ କସ୍ତୁରୀବାଳା ପାତ୍ର, ଅବସରପ୍ରାପ୍ତ ପ୍ରସାସନିକ ଅଧିକାରୀ ସରୋଜ କୁମାର ଜେନା,ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ସମାଜସେବୀ ଅମର ପଟ୍ଟନାୟକ, ଶିକ୍ଷାବିତ ବିବର୍ତ୍ତନ ରାଉତ, ଶିକ୍ଷକ ରାଜେନ୍ଦ୍ର ବେହେରା, ମନ୍ମଥ କୁମାର ବିଶ୍ୱାଳ, ବିଜୟ ପାଠୀ,ଯୋଗଗୁରୁ କରୁଣାକର ଶିଅଳ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନା ଙ୍କର ସ୍ମୃତି ଚାରଣ କରିବା ସହିତ ଆଦର୍ଶ ଶିକ୍ଷାବିତ, ମିଷ୍ଟଭାଷୀ, ପରୋପକାରୀ ଏବଂ ନିଜର ବକ୍ତବ୍ୟ ପାଇଁ ସମସ୍ତଙ୍କର ପ୍ରୀୟ ପାତ୍ର ହୋଇପାରିଥିଲେ ବୋଲି କହିଛନ୍ତି । ପ୍ରାରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବଡ଼ ଭଉଣୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରେବତୀ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓପିଏସିର ବେପରୁଆ....

କମିଶନ୍ ପକ୍ଷରୁ ଦିଆଯାଇଥଇବା ପ୍ରଥମ ନୋଟିସ୍‌ରେ ଦର୍ଶାଇଥିଲା, ପ୍ରଥମ ସିଟିଂରେ, ଦ୍ୱିତୀୟ ସିଟିଂରେ ଥିବା ଆନଥ୍ରୋପଲୋଜି ପେପରର କୋଶ୍ଚିନ୍ ଆସିଥିବାରୁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦିଅନ୍ତୁ। ଦ୍ୱିତୀୟ ସେସନରେ ପେପର୍ ଟୁ ପ୍ରଶ୍ନପତ୍ର ଖୋଲାଯିବା ପରେ କମିଶନ୍ ଯାହାକିଛି ନିଷ୍ପତ୍ତି ନେବେ। ସେହିପରି ଦ୍ୱିତୀୟ ନୋଟିସରେ ଦର୍ଶାଯାଇଥିଲା, ପେପର୍ ଟୁ ରେ ପେପର୍ ୱାନ କୋଶ୍ଚିନ୍ ଆସିଥିବାରୁ ପରୀକ୍ଷା ଜାରି ରଖିବାକୁ ପରୀକ୍ଷାର୍ଥୀଙ୍କୁ କୁହାଯାଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷ ନିଜ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍-ଏକ୍ସରେ ପରୀକ୍ଷାରେ ତ୍ରୁଟି ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। କହିଛନ୍ତି ପ୍ରତିକାରମୂଳକ ପଦକ୍ଷେପ ପାଇଁ ଆସନ୍ତା ମେ ୪ ତାରିଖ ପୂର୍ବରୁ ଇମେଲ୍ ଜରିଆରେ ପରୀକ୍ଷାର୍ଥୀଙ୍କ ପରାମର୍ଶ ଲୋଡାଯାଇଛି। ଏଠି ପ୍ରଶ୍ନ, ଦୁଇ ଆୟୋଗ କାହିଁକି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ? ଶିକ୍ଷାବିତଙ୍କ କହିବା କଥା ଆୟୋଗଙ୍କ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ। କେବଳ ଏ ଦୁଇ ପରୀକ୍ଷା ନୁହଁ ଗତ ମାର୍ଚ୍ଚ ୩୦ ତାରିଖରେ ଓପିଏସସି ଦ୍ୱାରା ହୋଇଥିବା ଏସଡିପିଆରଓ ପରୀକ୍ଷାର ଚତୁର୍ଥ ପେପରରେ ଶହେ ନମ୍ବର ପରିବର୍ତ୍ତେ ୬ ନମ୍ବର କମି ୯୪ ମାର୍କର ପ୍ରଶ୍ନ ଆସିଥିଲା। ଯାହାକୁନେଇ ଓପିଏସସି ବିରୁଦ୍ଧରେ ଅସନ୍ତୋଷ ପ୍ରକାଶ କରିଥିଲେ ପରୀକ୍ଷାର୍ଥୀ । ଏଏସଓ ଚାକିରି ପାଇଥିବା ପିଲାମାନେ ସ୍ଥାବରର ପ୍ରତିଶବ୍ଦ ଜଙ୍ଗମ ଓ ମହାନଦୀର ଉତ୍ପତ୍ତିସ୍ଥଳର ଭୁଲ ଉତ୍ତର ଦେଇ ଚାକିରି ପାଇଛନ୍ତି। ପିଲାମାନେ ଦାବି କରିଛନ୍ତି ଯେ ଏଏସଓ ପରୀକ୍ଷାର ଦୁର୍ନୀତି ପୂର୍ବ ସରକାରର ଯେତେ କିଛି ପରୀକ୍ଷା ହୋଇଥିଲା ତାହା ଦୁର୍ନୀତିର ସର୍ବାଗ୍ରେ ଅନ୍ୟତମ ଅଟେ। ସେହିପରି ଏବେ ଓପିଏସିର ଯେଉଁଭଳି ପରୀକ୍ଷା ପରିଚାଳନା କରିଛି ପରୀର୍କ୍ଷାଙ୍କ ପ୍ରଶ୍ନ ଏହା ଓପିଏସିର ପରୀକ୍ଷା ଥିଲା ନା ଖେଳଘର ?

### ପହଲଗାମ ଆକ୍ରମଣର...

ଉପରେ ପ୍ରଥମେ ବ୍ଲାଙ୍କ ଫାୟାରିଂ ହେଲା । ଆମେ ଫଟୋ ଉଠାଉଥିଲୁ । ସେଠାରେ ଆମେ ୮ ଜଣ ଥିଲୁ । ମୁଁ ଜଗନ୍ନାଥଙ୍କୁ ଡ଼ାକିଲି ଆମକୁ ବଞ୍ଚାଅ । ଆତଙ୍କବାଦୀ ତିନି ଜଣଙ୍କୁ ମାରି ପଳେଇଲା । ପଳେଇଲା ପରେ ସମସ୍ତେ ଦୌଡିଲେ । ଆଖି ଆଗରେ ଏତେ ମୃତ୍ୟୁ ଦେଖି ଆମେ ଆଉ ରାତିରେ ଶୋଇପାରିଲୁ ନାହିଁ ।' ଅନ୍ୟପଟେ ଘଟଣାକୁ ନେଇ ରଞ୍ଜିତ କହିଛନ୍ତି, ' ଆମେ ଦିନ ଦୁଇଟା ବେଳେ ମିନି ସ୍ୱିଜରଲ୍ୟାଣ୍ଡ ନାମକ ଜାଗାରେ ପହଞ୍ଚିଥିଲୁ । ସେଠାରେ ୨୦୦୦ରୁ ଉର୍ଦ୍ଧ ପର୍ଯ୍ୟଟକ ରହିଥିଲେ । ପୁଅ ବୋହୁ ଆମକୁ ଛିଡ଼ା କରାଇ ମନରୋମ ଦୃଶ୍ୟର ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରୁଥିଲେ । ସେହି ସମୟରେ ବ୍ଲାଙ୍କ ଫାୟାରିଂ ଶୁଣାଯାଇଥିଲା । ଏହାପରେ ପୁଅ କହିଲା ସମସ୍ତେ ଜବଳ ତଳେ ଲୁଚିଯାଅ । କିଛି ନା କିଛି ଅଘଟଣ ଘଟିବାକୁ ଯାଉଛି । ପ୍ରଥମେ ସିକ୍ୟୁରିଟିକୁ ଗୁଳି କଲେ । ତା'ପରେ ପର୍ଯ୍ୟଟକ ମାନେ ଦୌଡ଼ି ବାହାରିକୁ ଯିବା ବେଳେ ଯେଉଁ ଚାରି ଜଣ ଆତଙ୍କବାଦୀ ଥିଲେ ସେମାନଙ୍କ ମଧ୍ୟରୁ ତିନି ଜଣ ପୁରୁଷ ମାନଙ୍କୁ ମାରି ଚାଲିଲେ । ଏହା ଭିତରେ ସେହି ୪ ଜଣଙ୍କ ଭିତରୁ ଜଣେ ଆମ ପାଖକୁ ପଳାଇ ଆସିଥିଲା । ମୁଁ କହିଲି ହର ହର ମହାଦେବ ଆମକୁ ବଂଚାଇଦିଅ । ସେମାନେ କହିଲେ କଲମା ପଢ଼ ଯେଉଁମାନେ ପଢ଼ିପାରିଲେ ନାହିଁ , ତାଙ୍କୁ ମାରିଦେଲେ । ଏହାପରେ ଆତଙ୍କବାଦୀ ଦୌଡ଼ି ପଳେଇଲେ । ତା'ପରେ ଆମେ ସେଠାରୁ ବାହାରିବା ସମୟରେ ମୁଁ ୧୪ ଟି ମୃତ ଦେହ ଗଣିଥିଲି ।' ରଞ୍ଜିତଙ୍କ ପୁଅ କହିଛନ୍ତି, 'ଆମେ ଆଉ କେବେ କଶ୍ମୀର ଯିବୁନି । ଆତଙ୍କବାଦୀମାନେ ଶେଷରେ ଯାହାକୁ ମାରିଲେ ତା'ପରେ ମୋ ପାଳି ଥିଲା ।

### ଅଶୁଭ ରବିବାର...

ପହଞ୍ଚି ୨ ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇ ମୃତକ ଯାଜପୁର ଜିଲ୍ଲାରେ ଟାଟା ଷ୍ଟିଲରେ କାମ କରୁଥିବା ଜଣାପଡିଛି । ସେହିପରି କଟକ କାଠଯୋଡିରେ ବୁଡି ଜଣେ ନାବାଳକର ମୃତ୍ୟୁ ହୋଇଛି । ମୃତକଙ୍କ ଘର ବେଟବିନ୍ଧାଣୀ ସାହିରେ । ସେ ଖାନନଗର ନିକଟରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ । ତାଙ୍କୁ ଉଦ୍ଧାର କରି ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ନୟାଗଡ଼ ଜିଲ୍ଲା ଦଶପଲ୍ଲା ଗୋଡ଼ିବିଡ଼ା ଗାଁରେ ପୋଖରୀରେ ଗାଧୋଇବା ବେଳେ ବୁଡିଯାଇ ତିନି ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରୁ ଦୁଇ ଜଣଙ୍କର ବୟସ ୧୧ ବର୍ଷ ହୋଇଥିବା ବେଳେ ଜଣଙ୍କର ୯ ବର୍ଷ । ଗୋଡ଼ିବିଡ଼ା ଗ୍ରାମର ବିଜୟ ନାୟକଙ୍କ ଉମାକାନ୍ତ, ଖାଲମଡ଼ା ଗ୍ରାମର ଦିଲୀପ ପ୍ରଧାନଙ୍କ ପୁଅ ରିତେଶ ଏବଂ ବାହାଡଖୋଲା ପୋଡ଼ାସାହି ଗ୍ରାମର କାଳୁ ଖିଲାରଙ୍କ ପୁଅ ଶୁଭ ଆଜି ପୋଖରୀରରେ ଗାଧୋଇବା ବେଳେ ବୁଡ଼ି ଯାଇଥିଲେ । ୩ ଜଣଙ୍କୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ଦଶପଲ୍ଲା ମେଡିକାଲ ନିଆଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ ।

### ଖଲ୍ଲିକୋଟ ଶାଳବଣ...

ଦେଇଥିବା ଅନୁମାନ କରାଯାଉଛି । ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି । ଦୁଇ ଭାଇ ଅନେକ ଅପରାଧିକ ମାମଲାରେ ଲିପ୍ତ ଥିବାରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।

### ୨୨ ଘଣ୍ଟା ଚାଲି ଚାଲି ...

ଆକ୍ରମଣ କରିଥିବା ଆତଙ୍କବାଦୀମାନେ ୨୦ରୁ ୨୨ ଘଣ୍ଟା ଜଙ୍ଗଲରେ ଚାଲି ଚାଲି ବୈସରନ ଘାଟିରେ ପହଞ୍ଚିଥିଲେ । ହମ୍‌ଲାରେ ମୋଟ ୪ ଜଣ ଆତଙ୍କୀ ସମ୍ପୃକ୍ତ ରହିଥିଲେ । ସେଥିମଧ୍ୟରୁ ୩ ଜଣ ପାକିସ୍ତାନ ଓ ଜଣେ ସ୍ଥାନୀୟ ଅଞ୍ଚଳର ଥିଲା । ସ୍ଥାନୀୟ ଆତଙ୍କବାଦୀ ଆଦିଲ୍ ଥୋକର ବୋଲି ଚିହ୍ନଟ ହୋଇଛି । ଆକ୍ରମଣ ପାଇଁ ସେମାନେ ଏକେ-୪୭ ଓ ଏମ୪ ରାଇଫଲ ବ୍ୟବହାର କରିଥିଲେ ।

# ସପ୍ତମ ବାସୁଦେବପୁର ସୌରଭ ସମ୍ମାନର ଦ୍ୱିତୀୟ ଓ ତୃତୀୟ ଦିବସ



ବାସୁଦେବପୁର, ୨୭/୪ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡିଆ ଠାରେ ବାସୁଦେବପୁର ସୌରଭ ସମ୍ମାନ ର ଦ୍ୱିତୀୟ ଦିବସ ମଧୁର ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ ବିଜେପିର ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତି, ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି,ଯୁବ ବିଜେପି ନେତା ଉଦୟ ନାରାୟଣ ମଲ୍ଲିକ, ସୁଶାନ୍ତ ମହାକୁଡ଼, ଜୟ ପ୍ରକାଶ ମଲ୍ଲିକ ଓ କୃଷ୍ଣ ଚନ୍ଦ୍ର ମହାକୁଡ଼ । ଗଗନ ବିହାରୀ ସେଠୀ ମଞ୍ଚ ସଂଯୋଜନା କରିଥିଲେ। ତୃତୀୟ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ ସାମ୍ବାଦିକ ରବି ନାରାୟଣ ଖିଲାର, ଗୀତିକାର ଅଭୟ ସୂତାର, ସାହିତ୍ୟିକ ନୀହାର ରଞ୍ଜନ କର, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, କବି ସଂଯୁକ୍ତା ବଳ, ଅନୁଷ୍ଠାନର ସଭାପତି ଜୟ ପ୍ରକାଶ ମଲ୍ଲିକ ଓ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାକୁଡ଼। ମଞ୍ଚ ସଂଯୋଜନା କରିଥିଲେ ଅଧ୍ୟାପକ ରାଜ କିଶୋର ବାରିକ୍। ନବ ନିର୍ମାଣ ସେନାର ସମସ୍ତ ସଦସ୍ୟ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଖଇରା ସାହିତ୍ୟ ସଂସଦର ବିଷୁବ ଆସର



ଖଇରା, ୨୭/୪ (ନି.ପ୍ର): ଖଇରା ସାହିତ୍ୟ ସାଂସଦର ବିଷୁବ ଆସର ସଂସଦର ସ୍ଥାୟୀ ସଭାପତି ମାୟାଧର ନାୟକଙ୍କ ପୌରହିତ୍ୟରେ ରବିବାର ଦିନ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ପହେଲଗାମରେ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ୨୬ପର୍ଯ୍ୟଟଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । କବୟତ୍ରୀ ସୁରମା ପାଣିଙ୍କ ସଂଯୋଜନାରେ ମୋଟ ୧୫ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । କବି ସଙ୍କୀର୍ତ୍ତନ ପଣ୍ଡା କବିତା ଗୁଡ଼ିକର ସମୀକ୍ଷା କରିଥିଲେ । ସମ୍ପାଦକ ରଘୁନାଥ ପତ୍ରୀ ବିବରଣୀ ପାଠ କରିବା ପରେ ସଂସଦର ବାର୍ଷିକୋତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଂସଦର ସଦସ୍ୟ ଚିନ୍ତାମଣି ସାହାଣି,ନାରାୟଣ ପ୍ରସାଦ୍ ପେଡା, ଦେବେନ୍ଦ୍ର କୁମାର ରାଉତ, ବସନ୍ତ କୁମାର ଦାସ, ପଦ୍ମନାଭ ପଣ୍ଡା, ସଞ୍ଜୟ କୁମାର ଭଟ୍ଟରାୟ, ପଦ୍ମନାଭ ଶନିବିଗ୍ରହ, ଦିନବନ୍ଧୁ ଦାଶ, ବିଜୟ କୁମାର ପଣ୍ଡା, ମଧୁସୂଦନ ରାଉଳ, ବୁଦ୍ଧିରାମ ପାଣିଗ୍ରାହୀ, ଉଗ୍ରସେନ ମାଝୀ, ଶଶିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପାରିଭିଲା ଗ୍ରାମୀଣ ମହୋତ୍ସବରେ ୫୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ



ବସ୍ତା, ୨୭/୪ (ନି.ପ୍ର): ବାବା ଆଖଣ୍ଡଳମଣି ମନ୍ଦିର କମିଟିର ଯୁବ ପରିଷଦଗଣ ପାରିଭିଲା ଓ ମଇଁଷାଳୀ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ବାବା ଆଖଣ୍ଡଳମଣି ମନ୍ଦିର ପଡ଼ିଆଠାରେ ଅନୁଷ୍ଠିତ ଗ୍ରାମୀଣ ମହୋତ୍ସବ ଅବସରରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କୁ ନେଇ ୫୧ କୁଣ୍ଡୀୟ ବିଶ୍ୱ କଲ୍ୟାଣ ମହାଯଜ୍ଞ , ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁ ର ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ତଥା ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଯୋଗଦାନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଅଂଚଳବାସୀଙ୍କ ଏଭଳି ମହାନ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।ଗୁରୁକୁଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟଜୀ ଯଜ୍ଞର ପରିଚାଳନା ସହ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଯଜ୍ଞ ର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ସୁରେନ୍ଦ୍ର ସିଂହ, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ ,ବିଶିଷ୍ଟ ବ୍ୟବସାୟୀ ଶ୍ରୀ ଚନ୍ଦନ ପ୍ରଧାନ, ସମାଜସେବୀ ଅକ୍ଷୟ କୁମାର ମିଶ୍ର ଯୋଗଦାନ କରିଥିଲେ । ଦୀର୍ଘ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଗ୍ରାମୀଣ ମେଳା ଓ ମା ଭଗବତୀଙ୍କ ପୂଜା ଅବସରରେ ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ,ବୈଦିକ ପ୍ରବଚନ, ନଗର ପରିକ୍ରମା ,ପୂଜ୍ୟପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ନଦାନ ହୋଇଆସୁଅଛି । ଏହି ଗ୍ରାମୀଣ ମେଳାରେ ରସୁଲପୁର, ଶ୍ରୀରାମପୁର, ଦୁଧହଁସା, ମଥାନୀ, ଆଙ୍କୋ ଓ କସିପଦା ପ୍ରଭୃତି ପଞ୍ଚାୟତ ରୁ ଜନସାଧାରଣଙ୍କ ଉପସ୍ଥିତି ଓ ସହଯୋଗ ରହିଥିଲା। ମେଳାରେ ବିଭିନ୍ନ ପ୍ରକାରର ଷ୍ଟଲ୍ ଲାଗିଥିଲା। ବ୍ୱା ଆଖଣ୍ଡଳମଣି କମିଟିର ସଭାପତି ଶ୍ରୀଯୁକ୍ତ ରବିନ୍ଦ୍ର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତାପ ଚନ୍ଦ୍ର ନାୟକ, କାର୍ତ୍ତିକ ଚନ୍ଦ୍ର ଗାଆଣ, ଅନ୍ତର୍ଯ୍ୟାମୀ ବେହେରା, ରମେଶ ଚନ୍ଦ୍ର ବେହେରା, ସୁବ୍ରତ ପରିଡା, ଅଜୟ ଗାଆଣ, ଆନନ୍ଦ ରାଉଳ, ସଚ୍ଚିଦାନନ୍ଦ ଗାଆଣ, କମଳାକାନ୍ତ ବେହେରା, ଦେବାଶିଷ ନାୟକ, ହିମାଂଶୁ ଗାଆଣ ଓ ଅନ୍ୟମାନଙ୍କ ସହ ବାବା ଆଖଣ୍ଡଳମଣି ମନ୍ଦିର କମିଟି ତଥା ଶାନ୍ତି ଯୁବ ବାହିନୀ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରିଶେଷରେ କମିଟିର ସମ୍ପାଦକ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀ ଭଗବତୀ ଲେଙ୍କାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ନୀଳଗିରି , ୨୭/୪ (ନି.ପ୍ର): ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମର ପୂର୍ବତନ ବନପାଳ ଶ୍ରୀଧର ଲେଙ୍କାଙ୍କ ଧର୍ମପତ୍ନୀ ତଥା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଲେଙ୍କାଙ୍କ ମାଆ ସମାଜସେବୀ ସ୍ୱର୍ଗତ ଭଗବତୀ ଲେଙ୍କାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରବିବାର ତାଙ୍କ ବାସଭବନରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ପରିବାର ଲୋକଙ୍କ ସହିତ ବନ୍ଧୁବାନ୍ଧବ ଏବଂ ବହୁ ନିମନ୍ତ୍ରିତ ଅତିଥି ଯୋଗଦେଇ ସ୍ୱର୍ଗତା ଲେଙ୍କାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପରେ ଏକ ସ୍ମୃତିସଭାର ଆୟୋଜନ କରାଯାଇ ତାଙ୍କର ଅଭୁଲା ସ୍ମୃତିଚାରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଶୁଭେନ୍ଦୁ ମଙ୍ଗରାଜ,ଗଙ୍ଗାଧର ମିଶ୍ର, ନାରୀନେତ୍ରୀ ସୁନିତୀ ସିଂ ଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ନିୟମିତ ପ୍ରାଥମିକ(ଏକ୍ସ କ୍ୟାଡ଼ର)ଶିକ୍ଷକ ମହାସଂଘ ତରଫରୁ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ



ନୀଳଗିରି, ୨୭/୪ (ନି.ପ୍ର): ରବିବାର ନୀଳଗିରି ଗୁରୁକୁଳ ଶିକ୍ଷକଭବନ ପରିସରରେ ତିନିଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ନୀଳଗିରି ବ୍ଲକ ନିୟମିତ ପ୍ରାଥମିକ (ଏକ୍ସ କ୍ୟାଡ଼ର) ଶିକ୍ଷକ ମହାସଂଘ ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତି ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟୀ ସମ୍ବର୍ଦ୍ଧନା ସଭାରେ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଲମ୍ବୋଦର ସିଂ ମୁଖ୍ୟଅତିଥି, ସଂଘର ପୂର୍ବତନ ରାଜ୍ୟ ସଭାପତି ତଥା ବର୍ତ୍ତମାନର ଜିଲ୍ଲା ସଭାପତି ଶରତ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଏକ୍ସ କ୍ୟାଡ଼ର କୋଷାଧ୍ୟକ୍ଷ ଏବଂ ସାଂଗଠନିକ ସମ୍ପାଦକ ବିରେନ୍ଦ୍ର ପତି, ନୀଳଗିରି ବ୍ଲକ୍ ଏକ୍ସ କ୍ୟାଡ଼ର ସଂଘର ସମ୍ପାଦକ ରତିକାନ୍ତ ବେହେରା ମଞ୍ଚାସୀନ ରହି ଅବସରପ୍ରାପ୍ତ ଶିକ୍ଷକଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଜଣେ ଶୃଙ୍ଖଳିତ ଶିକ୍ଷକ କିପରି ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ତାହା ଉପରେ ବିସ୍ତୃତ ଦିଗଦର୍ଶନ ଦେଇଥିଲେ।ପ୍ରଥମେ ବିଦାୟୀ ଶିକ୍ଷକ ମନୋରଞ୍ଜନ ଦାସ, ସନାତନ ପୃଷ୍ଟି ଏବଂ ଶିକ୍ଷୟତ୍ରୀ ସରସ୍ୱତୀ ତ୍ରିପାଠୀଙ୍କୁ ମହାସଂଘ ତରଫରୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦାୟୀ ଶିକ୍ଷକ/ଶିକ୍ଷୟତ୍ରୀ ସେମାନଙ୍କର ଶିକ୍ଷକତା ଜୀବନୀ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଶାରେ ପାକିସ୍ତାନୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି

ଭୁବନେଶ୍ୱର, ୨୭/୪ (ନି.ପ୍ର): ଓଡ଼ିଶାରେ ଯେଉଁ ପାକିସ୍ଥାନୀ ଅଛନ୍ତି ସେମାନଙ୍କର ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏନେଇ ମୁଖ୍ୟମନ୍ତ୍ରୀ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଆଧାରରେ ଚିହ୍ନଟ ପ୍ରକ୍ରିୟା ଚାଲିଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି । ଖାଲି ସେତିକି ନୁହେଁ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ମଧ୍ୟ ଚିହ୍ନଟ ହେଉଛନ୍ତି ସେ କହିଛନ୍ତି । ଏ ଦିଗରେ ପ୍ରଶାସନ ତତ୍ପର ଅଛି। ବିଚ୍ଛିନତାବାଦି ଏ ଅଞ୍ଚଳରେ କାହିଁକି ରହିବେ। ତାଙ୍କୁ ଧରି ପାରିଲେ ଦେଶ ପାଇଁ ଭଲ।

# ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବାଲିଆପାଳ, ୨୭/୪ (ନି.ପ୍ର): ବାଲିଆପାଳ ବ୍ଲକ ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରାଜନୀତି ବିଜ୍ଞାନର ଅଧ୍ୟାପକ ବରେନ୍ଦ୍ର ବେହେରା ଏବଂ କନିଷ୍ଠ କିରାଣୀ ସୁଶାନ୍ତ କୁମାର ମହାପାତ୍ରଙ୍କ ବିଦାୟୀ କାଳୀନ ସମ୍ବଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବରସ କାଳୀନ ବିଦାୟୀ ସମ୍ବଦ୍ଧନା ସଭାରେ । ସଂସ୍କୃତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଦୁଇ ପ୍ରାୟିକା ବେଦ ପାଠ କରିଥିବା ବେଳେ ଇତିହାସ ବିଭବିଭାଗର ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ, ଇଂରାଜୀ ଅଧ୍ୟାପକ ଉତ୍ତମ ମହାନା, ଅପର୍ଣ୍ଣା ମାଝୀ, ସୁକାନ୍ତ କୁମାର ଜେନା, ସନ୍ନ୍ୟାସୀ ବେହେରା , ଅରୁଣ ମାଣିକ, ଦିଗାମ୍ବର ରଣା,ସୁବାସିନୀ ପାତ୍ର, ବିନୋଦ ବେହେରା ପ୍ରମୁଖ ଯୋଗ ଦେଇ ଦୁଇ ବିଦାୟୀ ପ୍ରତିଭାଙ୍କ ୨୯ ବର୍ଷର କାର୍ଯ୍ୟ ଦକ୍ଷତା ସହିତ ଶିକ୍ଷା ଦାନରେ ଆନ୍ତରିକତା ନିଷ୍ଠା ପର ଭାବରେ କାମ କାର୍ଯ୍ୟ ତୁଲାଇବା ସହିତ ଅନ୍ୟ ଅଧ୍ୟାପକ ଓ ସହକର୍ମୀ ଙ୍କ ସହିତ ସୁ ସଂପର୍କ ସ୍ଥାପନ କରି ଏକ ପାରିବାରଭଳି ବିଦ୍ୟାଳୟରେ ଚଳି ଆସୁଥିଲେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଉକ୍ତ ସଭାରେ ଉପସ୍ଥିତ ଛାତ୍ରୀ ମାନେ ଉଭୟ ବିଦୟୀଙ୍କ ଠାରେ ଅଜ୍ଞାତରେ କରିଥିବା ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିବା ସମୟରେ ଏକ ଶୁକାକୁଳ ପରିବେଶ ସୃଷ୍ଟି ସୃଷ୍ଟି ହୋଇ ଥିଲା। ପରି ଶେଷରେ କର୍ମଚାରୀ ଓ ଛାତ୍ରୀ ମାନେ ଉଭୟ ବିଦାୟୀଙ୍କୁ ଉପଢୌକନ ନ ପ୍ରଦାନ କରି ବିଦାୟୀ ସମ୍ବର୍ଧନା ଜ୍ଞାପନ କରିବା ପରେ ବିଦାୟି ଶୋଭାଯାତ୍ରାରେ ଉଭୟଙ୍କ ଘର ପର୍ଯ୍ୟନ୍ତ ଯାଇଥିଲେ।

# ମୟୂରଭଞ୍ଜ ପଟପ୍ଲ୍ଲିୟ ଜର୍ଜଙ୍କର ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ ପରିଦର୍ଶନ

ବେତନଟୀ, ୨୭/୪ (ନି.ପ୍ର): ମୟୁରଭଞ୍ଜ ପଟପ୍ଲ୍ଲିୟ ଜର୍ଜ ରାଧା କୃଷ୍ଣ ପଟ୍ଟନାୟକ ଆଜି ଅପରାହ୍ନରେ ପଣ୍ଡୁଗଡିଆ ଠାରେ ନିର୍ମାଣାଧୀନ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ ପରିଦର୍ଶନ କରିଛନ୍ତି । ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ନିର୍ମାଣାଧୀନ ନୂତନ କୋର୍ଟ ବିଲ୍ଡିଂ କାମ କିଭଳି ଆସନ୍ତା ମେ ୧୧ ସୁଧା କାର୍ଯ୍ୟ ସରିବ ସେନେଇ ସମୀକ୍ଷା କରିଥିଲେ । ଏହି ଅବସରରେ ମାନ୍ୟବର ଜିଲ୍ଲାଜଜ୍ ଅରବିନ୍ଦ ପଟ୍ଟନାୟକ, ମାନ୍ୟବର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ଜିଲ୍ଲା ରେଜିଷ୍ଟ୍ରାର ନିହାର କୁମାର ଜେନା, ବେତନଟୀ ଜେଏମଏଫସି କୋର୍ଟର ମାନ୍ୟବର ବିଚାରପତି ରଶ୍ମୀ ନାରାୟଣୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ବେତନଟୀ ଜେଏମଏଫସି କୋର୍ଟର ନୂତନ ବିଲ୍ଡିଂ କାମ ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିବାବେଳେ ଏହାର ହସ୍ତାନ୍ତର ପ୍ରକ୍ରିୟା ଓ ଆସନ୍ତା ମାସ ମେ ୧୧ ତାରିଖ ଶୁଭାରମ୍ଭ ସାଙ୍ଗକୁ ନୂତନ ବିଲ୍ଡିଂରେ କୋର୍ଟ କାର୍ଯ୍ୟକ୍ଷମ ହେବାନେଇ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବିଲ୍ଡିଂ ନିର୍ମାଣକାରୀସଂସ୍ଥା ଗ୍ରାମ୍ୟଉନ୍ନୟନ ବିଭାଗର ଉପଖଣ୍ଡ ନିର୍ବାହୀ ଅଧିକାରୀ ଇଂ. ତୁଷାରକାନ୍ତ ବେହେର, ଯନ୍ତ୍ରୀ ଇଂ. ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ବେତନଟୀ ବାର ଏସୋସିଏସନ ର ସଭାପତି ଦେବବ୍ରତ ପରିଡା, ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ମନୋଜ ଦଳେଇ ପ୍ରମୁଖଙ୍କ ସମେତ କୋର୍ଟକର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ଖୋଜିଖୋଜି ହିନ୍ଦୁଙ୍କୁ ଗୁଳି ଘଟଣା: ପ୍ରତିକ୍ରିୟା ପ୍ରକାଶ କଲା ଏକଲ ଅଭିଯାନର ବାରିପଦା ଅଂଚଳ



ଉଦଳା, ୨୭/୪ (ନି.ପ୍ର): କିଛିଦିନ ପୂର୍ବରୁ ଜମ୍ମୁ କାଶ୍ମୀର ରାଜ୍ୟର ପହଲଗାମ ଠାରେ ଆତଙ୍କବାଦୀ ମାନେ ଖୋଜି ଖୋଜି ହିନ୍ଦୁଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଏଥିରେ ୨୬ ଜଣଙ୍କର ଦେହାନ୍ତ ହୋଇଯାଇଥିଲା। ଉକ୍ତ ଘଟଣାକୁ ବିଶ୍ୱବ୍ୟାପି ନିନ୍ଦା କରାଯାଇଥିବା ବେଳେ ସମଗ୍ର ଭାରତର ଶୋକର ଛାୟା ଖେଳିଯାଇଛି। ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ଏକଲ ଅଭିଯାନର ବାରିପଦା ଅଂଚଳ ମଧ୍ୟରେ ଥିବା ୧୬ ଗୋଟି ସଂଚରେ ପ୍ରତିବାଦର ସ୍ୱର ଚଳିତ ଏପ୍ରିଲ୍ ୨୫ ତାରିଖ ଶୁକ୍ରବାର ଦିନ ଏକ କାଳିନ ଉଠିଛି। ଦିବଂଗତ ବ୍ୟକ୍ତିବିଶେଷଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ଆତଙ୍କବାଦୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉବୋଲି ଭାରତ ସରକାରଙ୍କ ନିକଟରେ ଦାବି କରାଯାଇଛି। ପ୍ରକାଶ ଥାଉକି ଏକଲ ଅଭିଯାନର ବାରିପଦା ଅଂଚଳ ଅଧିନରେ ମୋଟ ୪୬୭ ଗୋଟି ବିଦ୍ୟାଳୟ ଚାଲିଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି, ଔପଦା ଓ ଖଇରା ମଧ୍ୟ ରହିଛି। ବିଶ୍ୱହିନ୍ଦୁ ପରିଷଦ ଓ ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର କାର୍ଯ୍ୟକର୍ତ୍ତାମାନେ ଏକଲ ଅଭିଯାନର ଏପରି ଏକ ଉଦ୍ୟମକୁ ସଫଳ କରିବା ପାଇଁ ସହଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ଓ ଆୟୋଜନର ନେତୃତ୍ୱ ଆଇନ୍‌ଜୀବି କାର୍ତ୍ତୀକ ଜେନା, ଇତି ମିଶ୍ର, ପ୍ରଶାନ୍ତ ବେହେରା, ଗୀତାପ୍ରଭାଶିନୀ ପାଢୀ, ସ୍ୱପ୍ନେଶ୍ୱର ନାୟକ, କନକଲତା ଘଡେଇ, ସଂଗୀତା ମହାପାତ୍ର, ଆରତୀ ନାୟକ, ବେଣୁଧର କଂଟାବାଉଁଶିଆ, ରୀତାଞ୍ଜଳୀ ପ୍ରଧାନ, କୁନା ମହାରଣା, ସୀତା ବିନ୍ଧାଣୀ, ସସ୍ମିତା ମହାନ୍ତି, ନମିତା ରାଉତ, ମନୋରଞ୍ଜନ ମଲ୍ଲିକ୍?, ସୁବ୍ରତ ମହାନ୍ତି, ଗୋପିନାଥ ଜେନା ପ୍ରମୁଖ ନେଇଛନ୍ତି।

# ଭୁବନେଶ୍ୱର ଏୟାରପୋର୍ଟରେ ପ୍ରବଳ ହଙ୍ଗାମା

ଭୁବନେଶ୍ୱର, ୨୭/୪ (ନି.ପ୍ର): ଭୁବନେଶ୍ୱର ବିମାନ ବନ୍ଦର ଉତ୍ତେଜନା । ୧୨ ଘଂଟା ପରେ ବି ଗନ୍ତବ୍ୟସ୍ଥଳରେ ପହଂଚି ପାରିନାହାନ୍ତି ଯାତ୍ରୀ । ଗେଟ ସମ୍ମୁଖରେ ୨୫ରୁ ଅଧିକ ଯାତ୍ରୀ ହୋ ହାଲ୍ଲା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ପାଗ ଖରାପ ଯୋଗୁଁ ଦିଲ୍ଲୀରୁ କଲିକତା ଯାଉଥିବା ଯାତ୍ରୀଙ୍କୁ ଗତକାଲି ରାତିରୁ ଭୁବନେଶ୍ୱର ବିମାନ ବନ୍ଦରରେ ବିମାନ ଅବତରଣ କରିଥିଲା ସ୍ପାଇଜେଟ। ହେଲେ ପାଗ ଭଲ ହେବା ପରେ ବି ୧୨ ଘଂଟା ପରେ ବି ଗନ୍ତବ୍ୟସ୍ଥଳରେ ପହଂଚି ପାରିନାହାନ୍ତି ଯାତ୍ରୀ । ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହ ଉତ୍ତେଜନା ଦେଖାଦେଇଛି ।

# ଦୁଇ ମାସ ଭିତରେ ଏକ ଲକ୍ଷ ଘର ଦିଆଯିବ: ରବି ନାଏକ

ଭୁବନେଶ୍ୱର, ୨୭/୪ (ନି.ପ୍ର): ଅନ୍ତୋଦ୍ୱୟ ଗୃହ ଯୋଜନା ରାଜ୍ୟରେ ଥିବା ବିଜେପି ସରକାରଙ୍କ ଏକ ବଡ ଯୋଜନା। ଲୋକ ଘର ଖଣ୍ଡିଏ ପାଇଁ କେତେ କଷ୍ଟ ପାଉଛନ୍ତି ତାହା ଅନୁଭବ କରିଛନ୍ତି। ପୂର୍ବରୁ ଯୋଗ୍ୟ ଲୋକ ଘର ପାଇ ନାହାନ୍ତି। ଫଳିଥିନରେ ରହିବାର ମଧ୍ୟ ନଜିର ରହିଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି। ସେ କହିଛନ୍ତି ଯେ, ଏହି ଯୋଜନାରେ ୫ ଲକ୍ଷ ଘର ଦିଆଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ୬୦ ହଜାର ଗୃହ ବଂଟନ ସରିଛି। ଦୁଇ ମାସ ଭିତରେ ଏକ ଲକ୍ଷ ଘର ଦିଆଯିବ ନେଇ ଟାର୍ଗେଟ ରଖା ଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ମାନେ ବଞ୍ଚିତ ହୋଇଛନ୍ତି। ଯେଉଁ ମାନେ ପୂର୍ବ ସରକାରରେ ନିକ୍ଷେସିତ ହୋଇଥିଲେ। ଦଳିତ, ଦିବ୍ୟାଙ୍ଗ, ଯେଉଁମାନେ ବଞ୍ଚିତ ସେମାନେ ଥିଲେ ସମସ୍ତଙ୍କୁ ଅନ୍ତୋଦ୍ୱୟ ଗୃହ ଯୋଜନା ସାମିଲ କରାଯିବ।

# ବେତନଟୀ ମୟୁର ସାହିତ୍ୟ ସଂସଦର ୩୦ ତମ ବାର୍ଷିକ ଉତ୍ସବ




ବଡ଼ସାହି, ୨୭/୪ (ନି.ପ୍ର): ଉତ୍ତର ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ, ବେତନଟୀର ତିରିଶତମ ବାର୍ଷିକ ସାରସ୍ୱତ ସମାରହ ସ୍ଥାନୀୟ ଏମ୍. ପି. ସି. ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ଆଜି ଅନଷ୍ଠିତ ହୋଇଅଛି। ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜ୍ଜୁନ ସିଂ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟ କବିତା ପାଠ ଉତ୍ସବରେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀ ସଭାପତିତ୍ୱ କରିଥିବା ବେଳେ ବାଣୀପୀଠର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲି, କବି ସଂଗମର ଅଧ୍ୟକ୍ଷ ବାସୁଦେବ ନାପିତ, ବଣମଲ୍ଲି ର ସମ୍ପାଦକ ପ୍ରଭାତ କୁମାର ଆଚାର୍ଯ୍ୟ, ତତ୍ତ୍ୱମସି ର ସମ୍ପାଦକ ରାଜେନ୍ଦ୍ର କୁମାର ସାମଲ, ସାହିତ୍ୟିକା ବିରଜା ଦେବୀ ଓ ସତ୍ୟବ୍ରତ ମିଶ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। କବୟିତ୍ରୀ ସୀମା ଦାସ ଖଟୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ସଞ୍ଜୀବ କୁମାର ପାଣିଗ୍ରାହୀ ବେଦ ପାଠ କରିଥିଲେ । କବୟିତ୍ରୀ ସବିତା ମହାନ୍ତି ଓ କବି ସନ୍ୟାସୀ ପାତ୍ରଙ୍କ ସଂଯୋଜନାରେ ପଚାଶରୁ ଅଧିକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସୌଦାମିନୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବି ନୀରଦ ସୁନ୍ଦର ଜେନା ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲା ବେଳେ କବି ରମାକାନ୍ତ ମହାନ୍ତ ପରିଚୟ ପ୍ରଦାନ କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ର ବେତନଟୀର ଛାତ୍ରୀମାନେ ସ୍ୱାଗତ ସଂଗୀତ ଏବଂ ଶିଶୁ ନୃତ୍ୟ ଶିକ୍ଷୀ ବର୍ଷା ପତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ସଭାପତି ମୟୂର ସାହିତ୍ୟ ସଂସଦବେତନଟୀ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଉପଜିଲ୍ଲାପାଳ,ବାରିପଦା ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟ ଅତିଥି, କାଦଡିହା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା ମୁଖ୍ୟ ବକ୍ତା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର, ସମ୍ମାନିତ ଅତିଥି ଏବଂ ଫକୀର ମୋହନ ସାହିତ୍ୟ ପରିଷଦର ସଂପାଦକ ଡ. ରତ୍ନାକର ସିଂହ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ଅତିଥି ମାନେ ମୟୂର ସାହିତ୍ୟ ସଂସଦର ତିରିଶ ବର୍ଷର ସଫଳ ଅଭିଯାନ କୁ ଉଚ୍ଚ ପ୍ରଶଂସା କରିଥିବା ବେଳେ ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ ବୋଲି ଦୃଢ଼ ମତ ରଖିଥିଲେ। ସଂସଦର ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଡ. ମନ୍ଦାକିନୀ ସାହୁ ପତ୍ରିକା ସମୀକ୍ଷା କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖ ପତ୍ର ବନମୟୁରି, କବି ନୀରଦ୍ ସୁନ୍ଦର ଜେନାଙ୍କର କବିତା ସଂକଳନ 'ତଥାପି ବଞ୍ଚିବାକୁ ହେବ।' ଏବଂ ଶିଶୁ ପତ୍ରିକା 'କଇଁ ଫୁଲ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅନୁବାଳା ମହାନ୍ତିଙ୍କୁ ବନ ମୟୁରୀ, ସୀମା ଦାସ ଖଟୁଆଙ୍କୁ ମୟୂର କବିଶ୍ରୀ, ଗଙ୍ଗାଧର ଦାସ ଙ୍କୁ ମୟୂର ସାରସ୍ୱତ ସମ୍ମାନ, ଦିବାକର ସିଂ ଙ୍କୁ ମୟୂର ନାଟ୍ୟ ଶ୍ରୀ ସମ୍ମାନ ଏବଂ ରବୀନ୍ଦ୍ର ନାଥ ଖଟୁଆଙ୍କୁ ମୟୂର ସମାଜ ସେବୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ର ସଭାପତିଅରୁଣ କୁମାର ଓଡା, ସମୟ ଚକ୍ରର ସଂପାଦକ ସର୍ବେଶ୍ୱର ଜେନା, କବୟିତ୍ରୀ ସୁଚରିତା ମହାନ୍ତି, କବି ଅଜୟ ପାଲ, କବି ଡ. ସରୋଜ ନାୟକ, କବୟିତ୍ରୀ ବାସନ୍ତୀ ଲତା ମହାପାତ୍ର, କବି ଗୋପାଳ ଚନ୍ଦ୍ର ସାଓ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ମୀନକେତନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲାବେଳେ ସହଦେବ ଗିରି, ଗୌତମ ଚନ୍ଦ୍ର ବେହେରା, ହରେନ୍ଦ୍ର ବାରିକ୍, ବିଜୟ କୁମାର ଦ୍ୱିବେଦୀ, କମଳ ଲୋଚନ କର, ଗଣେଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଶେଷରେ କବି ରତିକାନ୍ତ ବେହେରା ଉଦ୍ ଯାପନୀ କୃତଜ୍ଞତା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida